

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୯ ଅଗଷ୍ଟ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 29 AUGUST 2021

Vol.No. 32 ■ No. 220 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଆମେରିକା ନେଲା କାବୁଲ ବିସ୍ଫୋରଣର ପ୍ରତିଶୋଧ
ଆତଙ୍କୀ ଆଡ୍ଡାରେ କଲା ଡ୍ରୋନ୍ ଆକ୍ରମଣ

ବିସ୍ଫୋରଣର ଷଡ଼ଯନ୍ତ୍ରକାରୀ ସମେତ ଅନେକ ଆତଙ୍କବାଦୀ ମୃତାହତ ସୂଚନା

ନୂଆଦିଲ୍ଲୀ,୨୮/୦୮: କାବୁଲ ବିମାନବନ୍ଦର ବିସ୍ଫୋରଣର ପ୍ରତିଶୋଧ ନେଲା ଆମେରିକା । ଆଇଏସଆଇଏସ ଖୋରାସାନ ଆତଙ୍କୀଙ୍କ ଆଡ୍ଡା ଉପରେ ଆମେରିକା ଏୟାର ଷ୍ଟ୍ରାଇକ୍ କରିଛି । ନଗରହାର ପ୍ରାନ୍ତରେ ଥିବା ଆଇଏସଆଇଏସ-କେର ଆଡ୍ଡା ଉପରେ ଡ୍ରୋନ ଜରିଆରେ ଘନ ଘନ ଆକ୍ରମଣ କରାଯାଇଛି । ଏହି ଆକ୍ରମଣରେ କାବୁଲ ବିସ୍ଫୋରଣର ଷଡଯନ୍ତ୍ରକାରୀ ଓ ଆଇଏସଆଇଏସ ନେତା ନିପାତ ହୋଇଥିବା ଦାବି କରିଛି ଆମେରିକା । ଆମେରିକା ନେଲା କାବୁଲ ବିସ୍ଫୋରଣର ପ୍ରତିଶୋଧ । ୨୪ ଘଣ୍ଟା ଭିତରେ ଷଡଯନ୍ତ୍ରକାରୀଙ୍କୁ ନିପାତ । କାବୁଲ ବିମାନବନ୍ଦର ବିସ୍ଫୋରଣ ଦିନକପରେ ପ୍ରତିଶୋଧ ନେଇଛି ଆମେରିକା । ବିସ୍ଫୋରଣର ୨୪ ଘଣ୍ଟା ନପୁରୁଣୁ ବାଇଡେନ ପ୍ରଶାସନ ଆଇଏସଆଇଏସ-ଖୁରାସନ ଆତଙ୍କୀଙ୍କ ଆଡ୍ଡାକୁ ଉଡାଇ ଦେଇଛି । ପାକିସ୍ତାନ ସୀମାରେ ଥିବା ନଗରହାର ପ୍ରାନ୍ତରେ ଥିବା ଆଇଏସଆଇଏସ-କେର ଆଡ୍ଡା ଉପରେ ମାନବ ବିହୀନ ଡ୍ରୋନରେ ଏୟାର ଷ୍ଟ୍ରାଇକ କରିଛି । ଏହି ଆକ୍ରମଣରେ କାବୁଲ ବିସ୍ଫୋରଣର ଷଡଯନ୍ତ୍ରକାରୀ ଓ ଆଇଏସଆଇଏସ ନେତା ନିପାତ ହୋଇଥିବା ଦାବି କରିଛି ଆମେରିକା । କାବୁଲ ଏୟାରପୋର୍ଟରେ ଆତ୍ମଘାତୀ ହମଲାର ଜବାବ ଦିଆଯାଇଛି । ବିସ୍ଫୋରଣ ଆମେରିକୀୟ ସୈନ୍ୟଙ୍କ ମୃତ୍ୟୁ ପରେ ଆତଙ୍କୀ ସଂଗଠନକୁ କ୍ଷମା କରାଯିବନି ବୋଲି କହିଥିଲେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ । ସେପଟେ ଅଗଷ୍ଟ ୩୧ ସୁଦ୍ଧା ଆଫଗାନ ଛାଡି ଚାଲିଯିବାକୁ ଆମେରିକା ଓ ନାଟୋ ସେନାକୁ କଣ୍ଠ ଦେଇଛି ତାଲିବାନ । ତେଣୁ ସହଯୋଗ କରି ଆସୁଥିବା ଆଫଗାନ ବାସିନ୍ଦାଙ୍କ ସମେତ ନିଜ ନାଗରିକଙ୍କୁ ଉଦ୍ଧାର କରିବା ପାଇଁ ଜୋର ଲଗାଇ ଦେଇଛି ଆମେରିକା । ୨ ସପ୍ତାହ ମଧ୍ୟରେ ୧ଲକ୍ଷ ୧୧ ହଜାର ନାଗରିକଙ୍କୁ ଉଦ୍ଧାର କରିଥିବା ସୂଚନା ଦେଇଛି ପେଂଟାଗନ । ସେପଟେ ତାଲିବାନ ଭୟରେ ପାକିସ୍ତାନ ଚାଲିଯିବାକୁ ବାହାରିଥିବା ହଜାର ହଜାର ଆଫଗାନ ନାଗରିକଙ୍କ ଭିଡ ଚମନ ବର୍ଡର, ସ୍ପିନବୋଲଡାକରେ ଦେଖିବାକୁ ମିଳିଛି । କାବୁଲରେ ଏୟାରପୋର୍ଟରେ ପୁଣି ଆତଙ୍କବାଦୀ ଆକ୍ରମଣ ସମ୍ଭାବନା ନେଇ ସତର୍କ କରାଇ ଦେଇଛି ଆମେରିକା ଗୁଇନ୍ଦା ସଂସ୍ଥା । ତେଣୁ ଅଘଟଣ ଏଡାଇବାକୁ ସୁରକ୍ଷା କଡାକଡି କରିବା ସହ ବିମାନ ବନ୍ଦରର ପୂର୍ବ, ଉତ୍ତର ଓ ନ୍ୟୁ ମିନିଷ୍ଟ୍ରି ଅଫ୍ ଇଂଟରିୟର ଗେଟ ଦେଇ ଆସିବାକୁ ଆଡଭାଇଜରି ଜାରି କରିଛି ଆମେରିକା ଦୂତାବାସ । ସେପଟେ ଜୈଶ-ଇ-ମହମ୍ମଦ ଆତଙ୍କବାଦୀ ମୌଲାନା ମାସୁଦ ଅଜହର କାବୁଲରେ ତାଲିବାନ ନେତା ମୁଲ୍ଲା ଅବଦୁଲ ଘନି ବରାଦରଙ୍କୁ ଭେଟି ଶୁଭେଚ୍ଛା ଜଣାଇଛି । ଏଥିସହ କାଶ୍ମୀରରେ ଲଢେଇ ପାଇଁ ମାସୁଦ ତାଲିବାନଙ୍କୁ ସହଯୋଗ ମାଗିଥିବା ଖବର ଅନ୍ତର୍ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି ।

କାହା ବଳରେ ବଳୀୟାନ ହୋଇଥିଲେ ଗୁରୁଜି ମାନସ ଦାସ

ଭୁବନେଶ୍ୱର,୨୮/୦୮(ନି.ପ୍ର): ସଂଗଠନ ନାଁରେ ରାଜନୈତିକ ଅଭିସନ୍ଧି ପୂରଣ କରିବାକୁ ଚେଷ୍ଟା କରିଥିଲେ ତଥାକଥିତ ଗୁରୁଜୀ । ସରକାରୀ ଦଳର ଆଢୁଆଳରେ ରହି ବେଆଇନ ଭାବେ ସଂଗଠନ ଚଲାଇବା ଏବଂ ଆତଙ୍କ ସୃଷ୍ଟି କରି ଗରୀବଙ୍କୁ ନିର୍ଯାତନା ଦେବା ହୁଏତ ଉଦ୍ଦେଶ୍ୟ ଥାଇପାରେ ଏହି ବ୍ୟକ୍ତିଙ୍କର । ମାନସ ଦାସ ନାଁରେ ନିର୍ଯାତନାର ଶୀକାର ହୋଇଥିବା ବ୍ୟକ୍ତି ଅଭିଯୋଗ ଦାୟର କରିଥିଲେ । ଏପରିକି ସଂଗଠିତ ହୋଇଥିବା ହତ୍ୟା ମାମଲାରେ ୫ରୁ ଅଧିକ ଗିରଫ ହୋଇଥିବା ବେଳେ, ପୁଲିସର ହାତ କିନ୍ତୁ ଏହି ବ୍ୟକ୍ତି ନିକଟରେ ପହଁଚି ପାରିନଥିଲା, ଯାହା ସ୍ଥାନୀୟ ପୁଲିସର ପାରିବାପଣିଆ ଉପରେ ପ୍ରଶ୍ନ ଉଠାଇଛି । ଅଗଷ୍ଟ ୨ରେ ଅଭିମାନପୁର ଗାଁର ଜଣେ ବ୍ୟକ୍ତିଙ୍କୁ ହତ୍ୟା କରି ପୋଡି ଦେଇଥିବାର ସଙ୍ଗୀନ ଅଭିଯୋଗ ଆସିଥିଲା ମାନସ ଦାସ ନାଁରେ । ହେଲେ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ, ହତ୍ୟା ଅଭିଯୁକ୍ତ ବିନା କୌଣସି ସଂକୋଚରେ ଅବା ଡରରେ ତାର ନେଟୱାର୍କ ଜାରି ରଖିଥିଲା । ପ୍ରଶ୍ନ ଉଠୁଛି, ହତ୍ୟା ଘଟଣାରେ ଅଭିଯୁକ୍ତ ମାନସକୁ କାହିଁକି ଜେରା କଲାନି ପୁଲିସ? ଶାସକ ଦଳରେ ସାମିଲ ଥିବାରୁ ଚୁପ୍ ରହିଥିଲେ କି ତଦନ୍ତକାରୀ ଅଧିକାରୀ? ସଂଗଠନ ନାଁରେ ଆତଙ୍କ ଚଳାଉଥିବା ଲୋକଙ୍କୁ ପୁଲିସର ଭୟ ନଥିଲା କି? ଆତଙ୍କ ଖେଳାଉଥିବା ସଂଗଠନକୁ ପ୍ରଶ୍ରୟ ଦେଲା କିଏ? କଙ୍ଗାରୁ କୋର୍ଟ କେବେଠାରୁ ଚାଲିଛି ଓ ପୋଲିସ ଜାଣିପାରିଲାନି କିଭଳି? ଏଫଆଇଆରରେ ନାଁ ଥିଲେ ବି ପୁଲିସ ହାତରୁ କିଭଳି ବର୍ତ୍ତୁଥିଲା ଗୁରୁଜୀ? ଏତେ ନିର୍ଯାତନା ପାଇବା ସତ୍ତ୍ୱେ ବି କାହିଁକି ସମସ୍ତେ ଚୁପ୍ ରହୁଥିଲେ? ଏହି ସମସ୍ତ ପ୍ରଶ୍ନ ଆଜି ଜିଲ୍ଲା ପୁଲିସକୁ କାଠଗଡାରେ ଠିଆ କରିଛି । କାହା ବଳରେ ▶▶ପୃଷ୍ଠା ୭

ରାହୁଲ ଗାନ୍ଧିଙ୍କୁ ଭେଟିଲେ ହରିଶ ରାଓତ

ନୂଆଦିଲ୍ଲୀ,୨୮/୦୮ (ନି.ପ୍ର): ବରିଷ୍ଠ କଂଗ୍ରେସ ନେତା ତଥା ପଂଜାବ କଂଗ୍ରେସର ଦାୟିତ୍ୱରେ ଥିବା ହରିଶ ରାଓତ କହିଛନ୍ତି ଯେ, ପଂଜାବରେ ପରିସ୍ଥିତି ଯାହା ହେଉନା କାହିଁକି ସେ କଂଗ୍ରେସ ସଭାପତି ସୋନିଆ ଗାନ୍ଧୀ ଏବଂ ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ସୂଚନା ଦେଇଛନ୍ତି । ଶନିବାର ଦିନ ଦିଲ୍ଲୀରେ ରାହଲ ଗାନ୍ଧୀଙ୍କୁ ଭେଟିବା ପରେ ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ରାଓତ କହିଛନ୍ତି ଯେ, ଆଜି ସେ ପଂଜାବ କଂଗ୍ରେସର ପରିସ୍ଥିତି ସମ୍ପର୍କରେ ରାହୁଲ ଗାନ୍ଧୀଙ୍କୁ ଅବଗତ କରିଛନ୍ତି । ସେ କହିଛନ୍ତି ଯେ, ରାହୁଲ ଗାନ୍ଧୀଙ୍କ ସହ ତାଙ୍କର ସାକ୍ଷାତ ବହୁତ ସଂକ୍ଷିପ୍ତ ଥିଲା । ଏହି ସମୟରେ ସେ ପଂଜାବ କଂଗ୍ରେସର ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ । ଏହା ସହ ପଂଜାବର ପରିସ୍ଥିତି ନିୟନ୍ତ୍ରଣରେ ଥିବା କହିଛନ୍ତି । ସମସ୍ତେ ସେଠାରେ ଏକାଠି କାମ କରିବେ । ସୂଚନା ଯୋଗ୍ୟ ଯେ, କଂଗ୍ରେସ ହାଇକମାଣ୍ଡର ଉଦ୍ୟମ ପରେ ମଧ୍ୟ ପଂଜାବ କଂଗ୍ରେସରେ ବିବାଦ ବନ୍ଦ ହେଉନାହିଁ । ବିଦ୍ରୋହୀ ମନୋଭାବ ପାଇଁ ଜଣାଶୁଣା ପଂଜାବ କଂଗ୍ରେସ ସଭାପତି ନବଜୋତ ସିଂ ସିଦ୍ଧୁ ପୁଣି ଥରେ କଂଗ୍ରେସକୁ ଧମକ ଦେଇଛନ୍ତି ।

ଢେଙ୍କାନାଳ ଓ ପଡ଼ୋଶୀ ଜିଲ୍ଲାରେ ଶିଳ୍ପାୟନର ଅଭିବୃଦ୍ଧିରେ ବଡ଼ ଭୂମିକା ନେବ ତୈଳ ଟର୍ମିନାଲ : ଧର୍ମେନ୍ଦ୍ର ପ୍ରଧାନ

ଢେଙ୍କାନାଳ/ଅନୁଗୁଳ/ଭୁବନେଶ୍ୱର,୨୮/୦୮ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ତେନ୍ତୁଳିପଡାର ସଦାଶିବପୁର ଠାରେ 'କମନ୍ ୟୁଜର୍ ପେଟ୍ରୋଲିୟମ ଫାସିଲିଟି'ରେ ନିର୍ମାଣ ହେବାକୁ ଥିବା ତୈଳ ଟର୍ମିନାଲ ଆଗାମୀ ୩୦ ରୁ ୪୦ ବର୍ଷ ପର୍ଯ୍ୟନ୍ତ ଢେଙ୍କାନାଳର ବଢୁଥିବା ଶିଳ୍ପାୟନରେ ବଡ଼ ଭୂମିକା ନେବା ସହ ଏହି ପ୍ରକଳ୍ପ ଅବିଭକ୍ତ ଢେଙ୍କାନାଳ ଜିଲ୍ଲା ସମେତ ଅନୁଗୁଳ, ଦେବଗଡ଼, କେନ୍ଦୁଝର ଓ ପଶ୍ଚିମ ଓଡ଼ିଶାରେ ପେଟ୍ରୋଲିୟମ ସାମଗ୍ରୀ ଚାହିଦାକୁ ପୂରଣ କରିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେହିପରି ପାରାଦୀପ ଧାମରାରୁ ତାଳଚେର ପର୍ଯ୍ୟନ୍ତ ଜଳପଥ ହେବ ଏବଂ ଏହି ପଥରେ ଷ୍ଟିମର ଚାଲିବା ନେଇ ମଧ୍ୟ ଭାରତ ସରକାରଙ୍କ ଯୋଜନା ରହିଥିବା ଶ୍ରୀ ପ୍ରଧାନ କହିଛନ୍ତି। ଏହି 'କମନ୍ ୟୁଜର୍ ପେଟ୍ରୋଲିୟମ ଫାସିଲିଟିର' ଭୂମିପୂଜନ କାର୍ଯ୍ୟକ୍ରମରେ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂ ପୁରୀ ଭିଡିଓ କନଫରେନ୍ସିଂରେ ଉପସ୍ଥିତ ରହିଥିବା ବେଳେ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ରାଷ୍ଟ୍ରମନ୍ତ୍ରୀ ରାମେଶ୍ୱର ତେଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ସହ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଢେଙ୍କାନାଳ, ଅନୁଗୁଳ, ଦେବଗଡ଼, କେନ୍ଦୁଝର ଜିଲ୍ଲା ଗୁଡ଼ିକ ଖଣିଜ ପଦାର୍ଥରେ ପରିପୂର୍ଣ୍ଣ। ଏହାସହ ଟାଟା ଷ୍ଟିଲ, ନାଲକୋ, ଜିନ୍ଦଲ ଇଣ୍ଡିଆ ଥର୍ମାଲ ପ୍ଲାଂଟ୍ ଏବଂ ଏନଟିପିସି ଭଳି ବଡ଼ ବଡ଼ ଶିଳ୍ପ କମ୍ପାନୀ ଏଠାରେ ପ୍ରତିଷ୍ଠିତ ଅଛନ୍ତି। ଏହାକୁ ଦୃଷ୍ଟିରେ ରଖି ଅପାର ସମ୍ଭାବନାର ଅଂଚଳ ଅବିଭକ୍ତ ▶▶ପୃଷ୍ଠା ୭

ସେପଟ୍ମେମ୍ବର ୩୦ ଯାଏ ବଢ଼ିଲା କରୋନା କଟକଣା
ପାର୍ବଣ ପାଇଁ ରାଜ୍ୟଗୁଡ଼ିକୁ ସ୍ୱତନ୍ତ୍ର ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୮/୦୮: କିଛି ରାଜ୍ୟରେ ମହମାରୀ କରୋନା ସଂକ୍ରମଣ ପୁଣି ବଢୁଥିବାରୁ ଆଜି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦେଶରେ ଜାରି ରହିଥିବା କଟକଣାକୁ ସେପଟ୍ମେମ୍ବର ୩୦ ଯାଏ ବୃଦ୍ଧି କରିଛି। ସେହିପରି ଆଗକୁ ପାର୍ବଣ ଋତୁ ଆସୁଥିବାରୁ ଯେମିତି କୌଣସି ସ୍ଥାନରେ ଭିଡ଼ ନ ଜମିବ, ସେକଥା ରାଜ୍ୟ ସରକାର ନିଶ୍ଚିତ କରନ୍ତୁ ବୋଲି ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ନୂଆ ଗାଇଡଲାଇନରେ କେନ୍ଦ୍ର ସରକାର କରୋନା ସଂକ୍ରମଣକୁ ରୋକିବା ପାଇଁ ପୁରୁଣା କଥା ଦୋହରାଇଛନ୍ତି। ରାଜ୍ୟ ସରକାରମାନେ ସବୁବେଳେ କରୋନା ସଂକ୍ରମଣକୁ ରୋକିବା ପାଇଁ ୫ ସୂତ୍ରୀ ମନ୍ତ୍ର ଉପରେ ଫୋକସ କରନ୍ତୁ। ସେଗୁଡ଼ିକ ହେଲା-ଟେଷ୍ଟ, ଟ୍ରାକ, ଟ୍ରିଟ, ଟିକାକରଣ ଓ କୋଭିଡର ଉଚିତ ବ୍ୟବହାର। କୋଭିଡର ଉଚିତ ବ୍ୟବହାର ହେଲା ମାସ୍କ ପିନ୍ଧିବା, ସାମାଜିକ ଦୂରତା ରକ୍ଷା କରିବା ଓ ସାନିଟାଇଜରର ବ୍ୟବହାର କରିବା। ରାଜ୍ୟ ସରକାର ଏହାପରେ ସ୍ୱତନ୍ତ୍ର ଭାବେ ଗୁରୁତ୍ୱ ଦେଇ ନିୟମକୁ କଡ଼ାକଡ଼ି ଭାବେ ପାଳନ କରନ୍ତୁ ବୋଲି ଗାଇଡଲାଇନରେ କୁହାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ସଚିବ ଅଜୟ ଭାଲ୍ଲା ଗୋଟିଏ ବିବୃତିରେ କହିଛନ୍ତି, "ବର୍ତ୍ତମାନ ଜାତୀୟ ସ୍ତରରେ ମହାମାରୀ ସ୍ଥିତିରେ ସ୍ଥିରତା ରହିବା ଭଳି ଦୃଶ୍ୟମାନ ହେଉଛି। ହାତ ଗଣତି ରାଜ୍ୟରେ ସ୍ଥାନୀୟ ସଂକ୍ରମଣ ବୃଦ୍ଧି ପାଉଛି। ତଥାପି ଦେଶର କିଛି ଜିଲ୍ଲାରେ ଆକ୍ଟିଭ କେସ୍ ଓ ପିଜିଟିଭିଟି ରେଟ ବଢୁଛି। ତେଣୁ ଏହା ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ। ତେଣୁ ଏହାକୁ ରୋକିବାକୁ ସମସ୍ତେ ▶▶ପୃଷ୍ଠା ୭

ଇ-ଯାନ ଉପରେ ରିହାତି ଘୋଷଣା କଲେ ସରକାର

ଭୁବନେଶ୍ୱର,୨୮/୦୮ (ନି.ପ୍ର): ବିଦ୍ୟୁତ୍ ଚାଳିତ ଗାଡ଼ି କିଣିଲେ ମିଳିବ ରିହାତି। ଇ- ଯାନ ଉପରେ ରାଜ୍ୟ ସରକାର ରିହାତି ଘୋଷଣା କରିଛନ୍ତି। ଦୁଇ ଚକିଆ ଯାନ କିଣିଲେ ୫ ହଜାର ଟଙ୍କା ପର୍ଯ୍ୟନ୍ତ ରିହାତି ମିଳିବ। ୩ ଚକିଆ ଯାନ କିଣିଲେ ୧୦ ହଜାର ଏବଂ ୪ ଚକିଆରେ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ରିହାତି ମିଳିବ। ସେହିପରି ନନ୍ ଏସି ବସ୍ ରେ ୨ ଲକ୍ଷ ଏବଂ ଏସି ଡିଲକ୍ସ ବସ୍ ରେ ୪ ଲକ୍ଷ ପର୍ଯ୍ୟନ୍ତ ରିହାତି ମିଳିବ। ସରକାରୀ କର୍ମଚାରୀଙ୍କୁ ଶତ ପ୍ରତିଶତ ସୁଧ ରିହାତି ଋଣ ଦିଆଯିବ। ଇ-ଯାନ ନୀତି ପ୍ରଦୂଷଣ ରୋକିବାରେ ସକ୍ଷମ ହେବ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି। ଇ- ଯାନ ପଲିସି ଉପରେ ଗତକାଲି କ୍ୟାବିନେଟ୍ ନିଷ୍ପତ୍ତି ହୋଇଥିଲା। ଏହି ନୀତି ଅନୁସାରେ ବୈଦ୍ୟୁତିକ ଯାନ ଓ ଏହାର ଯନ୍ତ୍ରାଂଶ ଏବଂ ବ୍ୟାଟେରୀ ଉତ୍ପାଦନକାରୀ ଉଦ୍ୟୋଗୀଙ୍କୁ ଉତ୍ସାହିତ କରାଯିବ। ବୈଦ୍ୟୁତିକ ଯାନର ନବୀକରଣ ଓ ଗବେଷଣାକୁ ମଧ୍ୟ ପ୍ରୋତ୍ସାହନ ଯୋଗାଇ ଦିଆଯିବ।

୧୦ ଜିଲ୍ଲାରେ ପ୍ରବଳ ବର୍ଷିବ

ଭୁବନେଶ୍ୱର,୨୮/୦୮ (ନି.ପ୍ର): ଆଜି ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ସଂଲଗ୍ନ ପଶ୍ଚିମବଙ୍ଗ ଉପରେ ରହିଥିବା ଏକ ଘୂର୍ଣ୍ଣବଳୟ ସମୁଦ୍ର ପତନଠାରୁ ୫.୮ କିମି ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଛି ଏବଂ ଏହା ଦକ୍ଷିଣ ଆଡ଼କୁ ଢଳି ରହିଛି। ଏହାର ପ୍ରଭାବରେ ଆସନ୍ତାକାଲି ଉତର-ପଶ୍ଚିମ ଓ ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଫଳରେ ରାଜ୍ୟରେ ବର୍ଷା ପରିମାଣ ବୃଦ୍ଧି ପାଇବ ଓ ମୌସୁମୀ ସକ୍ରିୟ ହେବ। ଏହାର ପ୍ରଭାବରେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ରାଜ୍ୟର କିଛି କିଛି ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ଓଡ଼ିଶାର ୧୦ଟି ଜିଲ୍ଲାରେ ଆଗାମୀ ୨୪ଘଣ୍ଟା ମଧ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ ବୋଲି ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ▶▶ପୃଷ୍ଠା ୭

ଅଭିନେତା ବବି ମିଶ୍ରଙ୍କୁ ନୋଟିସ୍ ଦେଇ ଛାଡିଲା ପୋଲିସ୍

ଭୁବନେଶ୍ୱର,୨୮/୦୮ (ନି.ପ୍ର): ପଡୋଶୀ ସହ ଝଗଡାକୁ ନେଇ ଥାନାରେ ଅଭିନେତା ବବି ମିଶ୍ର। ଭୁବନେଶ୍ୱରର ନୟାପଲ୍ଲୀ ଥାନାକୁ ଡାକି ତାଙ୍କୁ ପଚରାଉଚରା କରୁଛି ପୋଲିସ୍।ବବିଙ୍କ ସହି ପୁଲିସ୍ ତାଙ୍କ ପଡ଼ୋଶୀଙ୍କୁ ମଧ୍ୟ ଥାନାକୁ ଡାକି ପଚରାଉଚରା କରୁଛି। ଗାଡ଼ି ପାର୍କିଂରୁ ଝଗଡା ହୋଇଥିଲା। ତେବେ ସନ୍ଧ୍ୟାରେ ପୋଲିସ୍ ବବିଙ୍କୁ ନୋଟିସ୍ ଦେଇ ଛାଡିଥିବା ସୂଚନା ମିଳିଛି। ବବିଙ୍କ ପଡୋଶୀ ତପି ମିଶ୍ର ଅଭିଯୋଗ କରିଛନ୍ତି ଯେ ବିବାହ ବିଚ୍ଛେଦ ପରଠୁ ସେ ବହୁ ଅପସେଟ୍ ରହୁଛନ୍ତି। ଗତକାଲି ସେ ଜାଣିଶୁଣି ମୋ ସହ ଗଣ୍ଡଗୋଳ କଲେ। ମୁଁ ଥାନାକୁ ଆସିଥିବା ବେଳେ ମୋ ଗେଟ୍ କୁ ଗୋଇଠା ମାରି ଗଣ୍ଡଗୋଳ କଲେ। ତାକୁ ମାରିକି ଆଜି ରାତିରେ ତୋତେ ବାହା ହେବି ବୋଲି ମୋ ପତ୍ନୀଙ୍କୁ କହିଲେ। ଏପରିକି ଗ୍ୟାଙ୍ଗଷ୍ଟାର ନାଁ ନେଇ ଧମକ ଦେଲେ। ତେଣୁ ଶେଷରେ ଥାନାର ଦ୍ୱାରସ୍ଥ ହୋଇଛି। ଅନ୍ୟପକ୍ଷରେ ପଡ଼ୋଶୀଙ୍କ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି ଅଭିନେତା ବବି ମିଶ୍ର। ସେ କହିଛନ୍ତି ଯେ ତାଙ୍କ ନାଁରେ ଆସିଥିବା ଅଭିଯୋଗ ସଂପୂର୍ଣ୍ଣ ମିଛ। ତାଙ୍କ ପାଖରେ ବନ୍ଧୁକ ନାହିଁ କି ସେ କୌଣସି ଗ୍ୟାଙ୍ଗଷ୍ଟରଙ୍କ ନାଁ ନେଇ ତାଙ୍କ ପଡ଼ୋଶୀଙ୍କୁ ଧମକ ଦେଇ ନାହାନ୍ତି। ବବି କହିଛନ୍ତି, ଗ୍ୟାରେଜରେ ଗାଡ଼ି ରଖିବାକୁ ନେଇ ଗତକାଲି ତପି ମିଶ୍ରଙ୍କର ଝଗଡ଼ା ହୋଇଥିଲା। ସେ ମୋ ସାନ ଭାଇ ପରି। ମୁଁ ତା' ସ୍ତ୍ରୀକୁ ନିଜ ସାନ ଭଉଣୀ ପରି ଦେଖେ। ହେଲେ ସେ ଏପରି ତଳକୁ ଖସି ଅଭିଯୋଗ କରିବ ବୋଲି ଭାବି ନ ଥିଲି।

ହିଞ୍ଜିଳିର ଆଉ ୧୦ଟି ରୂପାନ୍ତରିତ ସ୍କୁଲକୁ ଲୋକାର୍ପିତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮/୦୮ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ହିଞ୍ଜିଳିରେ ଆଜି ଚତୁର୍ଥ ପର୍ଯ୍ୟାୟରେ ୫ ଟି କାର୍ଯ୍ୟକ୍ରମ ରେ ଆଉ ୧୦ଟି ରୂପାନ୍ତରୀତ ସ୍କୁଲକୁ ଲୋକାର୍ପିତ କରିଛନ୍ତି। ଲୋକାର୍ପିତ ହୋଇଥିବା ବିଦ୍ୟାଳୟ ଗୁଡିକ ହେଲା - ପଂଚାୟତ ହାଇସ୍କୁଲ, ଦୁରବନ୍ଧ ପଂଚାୟତ;ସରକାରୀ ହାଇସ୍କୁଲ, ସେରଗଡ ପଂଚାୟତ ; ବୃନ୍ଦାବନ ସରକାରୀ ହାଇସ୍କୁଲ, ହିଞ୍ଜିଳିକାଟୁ ମ୍ୟୁନିସ୍‌ପାଲଟି ; ରାମଚନ୍ଦ୍ରପୁର ହାଇସ୍କୁଲ, ନରେନ୍ଦ୍ରପୁର ପଂଚାୟତ; ୟୁ.ଏନ୍. ହାଇସ୍କୁଲ, ସିକ୍ରୀ ପଂଚାୟତ ; ବି. ବ୍ରହ୍ମପୁର ହାଇସ୍କୁଲ, କୃଷ୍ଣଛାଇ ପଂଚାୟତ ; ସରକାରୀ ୟୁ.ଜି. ହାଇସ୍କୁଲ, ବିକେପୁର, ପୁଟିଆପଦର ପଂଚା।ୟତ ; ନରେନ୍ଦ୍ରପୁର ହାଇସ୍କୁଲ, ନରେନ୍ଦ୍ରପୁର ପଂଚାୟତ ; ସରକାରୀ ୟୁ.ଜି. ହାଇସ୍କୁଲ, ନନ୍ଦିକା ପଂଚା ୟତ ଏବଂ ପିତଳ ବାଳକ ହାଇସ୍କୁଲ, ପିତଳ ପଂଚାୟତ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ହିଞ୍ଜିଳିର ଏ ସ୍କୁଲ ରୂପାନ୍ତର ପିଲାମାନଙ୍କ ମଧ୍ୟରେ ଖୁସି ଓ ଉତ୍ସାହ ଭରି ଦେଇଛି। ଏହା ସେମାନଙ୍କ ଉଜ୍ଜଳ ଭବିଷ୍ୟତକୁ ସାକାର କରିବ ଓ ସେମାନଙ୍କୁ ଜୀବନର ସବୁ କ୍ଷେତ୍ରରେ ଶ୍ରେଷ୍ଠ କରି ଗଢିତୋଳିବା ପାଇଁ ସୁଯୋଗ ସୃଷ୍ଟି କରିବ। ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବର୍ତ୍ତମାନ ଯୁଗ ପ୍ରତିଯୋଗିତାର ଯୁଗ ।ଜ୍ଞାନର ଯୁଗ ।

ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ କ୍ଷମତା ପ୍ରତ୍ୟାହାର ଓ ବଦଳି ପାଇଁ ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବି ମହଲରେ ଦାବି

ଧାମନଗର,୨୮/୮ (ନି.ପ୍ର): ଧାମନଗର ବ୍ଲକ ଓ ଏନ୍ଏସି ଅଂଚଳ ଏବଂ ପଡ଼ୋଶୀ ଜିଲ୍ଲା ଯାଜପୁରର ହଜାର ହଜାର ଜନସାଧାରଣ ତଥା ଦୈନିକ ଶହ ଶହ ରୋଗୀ ନିର୍ଭର କରୁଥିବା ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବେ ରୋଗୀସେବା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଯେବେଠାରୁ ଡ଼ଃ ନାୟକ ଦାୟିତ୍ୱ ନେଲେ ପ୍ରାୟ ୨ବର୍ଷରୁ ଉର୍ଦ୍ଧ୍ୱହେବ ତାଙ୍କର ଦୁର୍ବଳ ପରିଚାଳନାଗତ ଦକ୍ଷତା, ଅର୍ଥଲୋଭୀ ମନୋବୃତ୍ତି ପାଇଁ ତଳସ୍ତର କର୍ମଚାରୀଙ୍କ ଉପରେ କର୍ତ୍ତୃତ୍ୱ ରହୁନଥିବା ହେତୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି ବୋଲି ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। ଗତ ୧୬/୦୮/୨୦୨୦ତାରିଖରେ ଚିଠି ନଂ ୧୯୪୭ ମୂଳେ ତତ୍କାଳୀନ ଜିଲ୍ଲା ମୁଖ୍ୟଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଭଦ୍ରକ, ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡ଼ାକ୍ତର ନାୟକଙ୍କ ଠାରୁ ଅର୍ଥନୈତିକ ଓ ପ୍ରଶାସନିକ କ୍ଷମତା ହସ୍ତାନ୍ତର ନେଇ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଓଡ଼ିଶା ଭୁବନେଶ୍ୱରଙ୍କୁ ପତ୍ର ଲେଖିଥିଲେ। ଅର୍ଥନୈତିକ ଓ ପ୍ରଶାସନିକ ପ୍ରଶିକ୍ଷଣ ନେଇନଥିବାରୁ ଡ଼ାକ୍ତର ନାୟକ ଜିଲ୍ଲା ଏଡ଼ିପିଏଚ୍ଓଙ୍କୁ ପ୍ରୋକ୍ତ କ୍ଷମତା ହସ୍ତାନ୍ତରପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଅଧିକାରୀଙ୍କ ଏହି ନିର୍ଦ୍ଦେଶକୁ ବେଖାତିର କରିବା ସହିତ ସରକାରୀ ନିୟମକୁ ଖୋଲା ଖୋଲି ଉଲଙ୍ଘନ କରି ଡ଼ାକ୍ତର ନାୟକ ବିଭାଗୀୟ କିରାଣୀ ଗୋପୀନାଥ ପାଢୀଙ୍କ ସହ ମଧୁଚନ୍ଦ୍ରିକା ହେତୁ ବିଭିନ୍ନ ଉନ୍ନୟନ ତଥା କୋଭିଡ଼-୧୯ ପରିଚାଳନା ପାଇଁ ଆସୁଥିବା ଅର୍ଥ ହଡ଼ପ କରୁଥିବା ଅଭିଯୋଗ ହୋଇଛି। ଏପରିକି ନିଜେ ମୁଷ୍ଟିମେୟ ଓ ପ୍ରଭାବୀଶାଳୀ ଲୋକଙ୍କୁ ଧରି ଅଧିକାଂଶ ସମୟରେ ଚିକିତ୍ସାଳୟର ଉପର ତାଲାରେ ମଦ ମାଂସର ଆସର କରିବା ସହ ସହକର୍ମୀ ଓ ରୋଗୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହେଉଛି। ଭାରପ୍ରାପ୍ତ ସ୍ୱାସ୍ଥ୍ୟାଧିକାରୀ ଡ଼ାକ୍ତର ନାୟକଙ୍କ ମନମାନୀ, ବେପରୁଆ, ବିଶୃଙ୍ଖଳିତ ନୀତି ଓ ଆଚରଣ ପାଇଁ ସ୍ଥାନୀୟ ଅଂଚଳବାସୀଙ୍କ ପକ୍ଷରୁ ଉପରିସ୍ଥ ଅଧିକାରୀଙ୍କ ଠାରେ ବାରମ୍ବାର ଅଭିଯୋଗ ହୋଇଆସୁଥିଲେ ମଧ୍ୟ ତାଙ୍କପ୍ରତି ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ଅହେତୁକ ଅନୁକମ୍ପା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ଜନଅସନ୍ତୋଷ ତିବ୍ର ହେଉଛି। ଯାହା ଫଳରେ ଡ଼ାକ୍ତର ନାୟକଙ୍କୁ ଅନ୍ୟତ୍ର ବଦଳି ନଚେତ ତାଙ୍କ ଠାରୁ କ୍ଷମତା ଅପସାରଣ ପାଇଁ ଜନସାଧାରଣଙ୍କ ପକ୍ଷରୁ ବାରମ୍ବାର ଦାବି ହେଉଛି। ପ୍ରକାଶ ଥାଉକି, ଡ଼ାକ୍ତର ନାୟକଙ୍କ ଛତ୍ରଛାୟା ତଳେ ଥିବା ସମ୍ପୃକ୍ତ ଚିକିତ୍ସାଳୟର କିରାଣୀ ଗୋପୀନାଥ ପାଢୀଙ୍କର ଦୁଇମାସ ହେବ ଅନ୍ୟତ୍ର ବଦଳି ହୋଇଥିଲେ ମଧ୍ୟ ସେ ଏ ସ୍ଥାନ ଛାଡ଼ି ଯାଉନାହାନ୍ତି କାହିଁକି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଚଳିତ ମାସ ୧୭/୦୮/୨୦୨୧ ତାରିଖରେ ଧାମନଗର ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ ଏବଂ ସଚେତନ ନାଗରିକଙ୍କ ପକ୍ଷରୁ ଭଦ୍ରକ ସିଡ଼ିଏମ୍ଓକୁ ଲିଖିତ ଅଭିଯୋଗ ଦିଆଯାଇଥିଲା। ଏହି ଅଭିଯୋଗ ପାଇବା ପରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ମାତ୍ର ୪ଦିନ ମଧ୍ୟରେ ଡ଼ାକ୍ତର ନାୟକଙ୍କ ଠାରୁ କେବଳ ଅର୍ଥନୈତିକ କ୍ଷମତା ଅପସାରଣ କରି ଜିଲ୍ଲା ମୁଖ୍ୟଚିକିତ୍ସାଳୟର ଡ଼ାକ୍ତର ଜୟନ୍ତ କୁମାର ପଣ୍ଡାଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିବା ଜଣାଯାଇଛି।

କେଇଦିନ ତଳେ ଭଦ୍ରକର ନବ ନିଯୁକ୍ତ ଜିଲ୍ଲାପାଳ ତ୍ରିଲୋଚନ ମାଝୀ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଆସି ପାରିପାର୍ଶ୍ୱିକ ସ୍ଥିତିକୁ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ଡ଼ାକ୍ତର ନାୟକଙ୍କୁ ତାଗିଦ ମଧ୍ୟ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ଅସୁବିଧାର ସୁଧାର ଆଣିବାକୁ ପ୍ରତିଶ୍ରୁତି ଦେଇଥିଲେ। ତେବେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲିଥିବା ମେଡ଼ିସିନ ଷ୍ଟେଶାଲିଷ୍ଟ, ସ୍ତ୍ରୀ ଓ ପ୍ରସୁତି, ଅସ୍ତ୍ରୋପଚାର ଏବଂ ଶିଶୁ ବିଭାଗ ଡ଼ାକ୍ତର, ମେଡ଼ିକାଲ ଅଫିସର ପଦବୀ ପୁରଣ ସହ ଅପାରଗ ଦୁର୍ନୀତିଗ୍ରସ୍ତ, ବିଶୃଙ୍ଖଳ ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀ ନାୟକଙ୍କ ବଦଳି ନତୁବା ପ୍ରଶାସନିକ କ୍ଷମତା ଅପସାରଣ ପୂର୍ବକ ନୂତନ ଅଭିଜ୍ଞତା ସମ୍ପନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ନିଯୁକ୍ତି କ୍ଷେତ୍ରରେ ଦୃଷ୍ଟି ଦେବାକୁ ମାନନୀୟା ସାଂସଦ ଭଦ୍ରକ, ମାନ୍ୟବର ବିଧାୟକ ଧାମନଗର, ବ୍ଲକ ଅଧକ୍ଷ ଓ ବିଭାଗୀୟ ଉଚ୍ଚାଧିକାରୀ, ମାନନୀୟ ଜିଲ୍ଲାପାଳ ଭଦ୍ରକଙ୍କ ସମେତ ରାଜ୍ୟ ସରକାରଙ୍କୁ ଜନସାଧାରଣଙ୍କ ପକ୍ଷରୁ ଅନୁରୋଧ କରାଯାଇଛି। ଏଥିରେ ବିଳମ୍ବ ହେଲେ ଡ଼ାକ୍ତର ନାୟକଙ୍କ ପ୍ରତି ଲୋକଙ୍କ ମନରେ କୁହୁଳିଥିବା ଅସନ୍ତୋଷର କେତେବେଳେ ଉଗ୍ରରୂପ ନେଇ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦିଆଯାଇଛି।

ଜୈବିକ ଏବଂ ସମନ୍ୱିତ ରୋଗ ପୋକ ପରିଚାଳନା ତାଲିମ କାର୍ଯ୍ୟକ୍ରମ

ଜୟପୁର ,୨୮/୮ (ନି.ପ୍ର): ଜୟପୁର ସ୍ଥିତ ଏମ.ଏସ. ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନ ଆନୁକୂଲ୍ୟରେ କୁନ୍ଦୁରା ବ୍ଲକ ଲିମା ପଂଚାୟତ ସ୍ଥିତ ନୁଆଗୁଡା ଗ୍ରାମର କୃଷି ବିଦ୍ୟାଳୟ ଠାରେ ପ୍ରତ୍ୟେକ ଗ୍ରାମ ଜୈବିକ ଗ୍ରାମ ପ୍ରକଳ୍ପ ତରଫରୁ ଜୈବିକ ଓ ସମନ୍ୱିତ ରୋକ ପୋକ ପରିଚାଳନା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଉକ୍ତ ତାଲିମ କାର୍ଯ୍ୟକ୍ରମରେ କୁନ୍ଦୁରା ବ୍ଲକର ୯ଟି ଗ୍ରାମର ୩୦ ଜଣ ଚାଷି ଓ ପ୍ରକଳ୍ପର ସ୍ୱେଚ୍ଛାସେବିଙ୍କ ସହ ଲିମା ପଂଚାୟତର କୃଷି ଅଧିକାରି ଗିତାଂଚଳି ତ୍ରିପାଠି , ସ୍ୱାମାନାଥର ଗବେଷଣା ପ୍ରତିଷ୍ଠାନର ପ୍ରକଳ୍ପ ସଂଯୋଜକ ଏବଂ କର୍ମକତ୍ତା ମାନେ ଅଂଶ ଗ୍ରହଣ କରିଥିଲେ । କୃଷି ଅଧିକାରି ତ୍ରାପିଠି ଜୈବିକ ପ୍ରଣାଳିରେ ଚାଷ କରିବା ଦ୍ୱାରା କମ ଖଜ ଏବଂ ସ୍ୱାସ୍ଥ୍ୟ ପ୍ରତି ହିତ କର ଶଶ୍ୟ ଉତ୍ପାଦନ କରାଯାଇ ପାରିବ ବୋଲି ମତ ବ୍ୟକ୍ତ କରିଥିଲେ। ତାଲିମ କାର୍ଯ୍ୟକ୍ରମରେ ପ୍ରକଳ୍ପ ସଂଯୋଜକ ପ୍ରଶାନ୍ତ କୁମାର ପରିଡା, ପ୍ରକଳ୍ପର ଉଦ୍ଦେଷ୍ୟ ବିଷୟରେ ଆଲୋକ ପାତ କରିବା ସହିତ ଜୈବିକ ପ୍ରରାଣିରେ ଚାଷ କରିବା ଦ୍ୱାରା ସମାଜର ସ୍ୱାସ୍ଥ୍ୟ ଓ ଖାଦ୍ୟ ନିରାପତା ତଥା ଅର୍ଥନୈତିକ ସାମନ୍ତରାଳ ରହିବା କହିଥିଲେ । କାର୍ଯ୍ୟକ୍ରମରେ ଚାଷି ମାନଙ୍କୁ ଜୈବିକ ତାର ପ୍ରସ୍ତୁତି ଜୈବିକ କିଟ ନାଷକ ଔଷଧ ପ୍ରସ୍ତୁତି କରିବା ପ୍ରଦର୍ଶନ କରିବା ସହିତ ତାର ପରିଚାଳନା ତଥା ବ୍ୟବହାର ବିଷୟରେ ଅଜିତ କୁମାର ସାହୁ ବୁଝାଇଥିଲେ । କାର୍ଯ୍ୟକ୍ରମକୁ ପ୍ରକଳ୍ପ କାର୍ଯ୍ୟକତ୍ତା ରଞ୍ଜିତ କୁମାର ଦଳାଇ ପରିଚାଳନା କରିଥିଲେ ।

ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଅସହାୟ ଦମ୍ପତ୍ତିଙ୍କୁ ସହାୟତା

କେନ୍ଦ୍ରାପଡ଼ା,୨୮/୮ (ନି.ପ୍ର): କେନ୍ଦ୍ରାପଡାର ଜଣାଶୁଣା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଅସହାୟ ବୃଦ୍ଧ ଦମ୍ପତିଙ୍କୁ ସହୟତା ପ୍ରଦାନ କରାଯାଇଥିବା ଜଣାପଡିଛି। ଜିଲ୍ଲାର ପୁରୋଷତମପୁର ଅନ୍ତର୍ଗତ କୋରୁଆ ଗ୍ରାମର ବରିଷ୍ଠ ନାଗରିକ ଇନ୍ଦ୍ରମଣି ସାହୁ ଓ ତାଙ୍କ ପତ୍ନୀ ପରିଣତ ବୟସରେ ଆର୍ଥିକ ଅନଟନରେ ଚାଲୁଥିବା ଖବରପାଇ ଟ୍ରଷ୍ଟର ସଦସ୍ୟ ମାନେ ସଭାପତି ଦମନ କୁମାର ମାହନ୍ତିଙ୍କ ନେତୃତ୍ୱରେ ଏକ ମାସର ଖାଦ୍ୟ ଓ ରୋଷେଇ ସାମଗ୍ରୀ ସହାୟତା ପ୍ରଦାନ କରିଛନ୍ତି। ଏହ ସହ ଅନ୍ୟାନ୍ୟ ସରକାରୀ ସହାୟତା ପାଇବା ପାଇଁ ଉଦ୍ୟମ କରାଯିବ ବୋଲି ଟ୍ରଷ୍ଟ ପକ୍ଷରୁ ଆଶ୍ୱସନା ଦିଆ ଯାଇଛି।

ନିର୍ମାଣକୁ ୩ବର୍ଷ ବିତିଲା, ଅଧପନ୍ତରିଆ ହୋଇପଡିଛି ଅଙ୍ଗନବାଡି ଗୃହ

ଧର୍ମଶାଳା,୨୮/୮ (ନି.ପ୍ର): ଯାଜପୁର ଜିଲା ବଡଚଣା ବ୍ଲକ ନେଳିଆ ପଂଚାୟତର ଶୁକଦେଇପୁର ଗ୍ରାମରେ ନିର୍ମାଣଧିନ ଅଙ୍ଗନବାଡି ଗୃହକୁ ୩ବର୍ଷ ବିତିଯାଇଥିଲେ ମଧ୍ୟ ତାହା ପୁର୍ଣ୍ଣାଙ୍ଗ ହୋଇପାରିନାହିଁ। ୨୦୧୮ ମସିହା ଡିସେମ୍ବର ମାସରେ ଏହି ଗୃହ ନିର୍ମାଣ ପାଇଁ ୭ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ଇତିମଧ୍ୟରେ ୩ବର୍ଷ ବିତିଯାଇଥିଲେ ମଧ୍ୟ ଏହି ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ହୋଇ ପଡିରହିଛି। ଗ୍ରାମର କୁନିକୁନି ପିଲାମାନେ ଅଙ୍ଗନବାଡି ଗୃହ ନଥିବାରୁ କୋଠଘର ବାରଣ୍ଡାରେ ଶିକ୍ଷାଲାଭ କରୁଛନ୍ତି। ଏହି ସ୍ଥାନଟି ବୁଲା ଗାଇଗୋରୁ ଚରାଭୂଇଁ ପାଲଟିଥିବାରୁ ଅସ୍ୱାସ୍ଥ୍ୟକର ପରିବେଶରେ ପିଲାମାନଙ୍କୁ ପାଠପଢା ଯାଉଛି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ନିର୍ମାଣ ଗୃହଟି ପୁର୍ଣ୍ଣାଙ୍ଗ ନହେବାରୁ ଘରର ଇଟାକାନ୍ଥ ଭାଙ୍ଗି ଭୁସୁଡି ଗଲାଣି। ଏହି ଗୃହରେ ମଧ୍ୟ ଅସାମାଜିକ ଯୁବକ ଆଡ୍ଡା ଜମାଉଥିବା ଅଭିଯୋଗ ହୋଇଛି।

ବରିଷ୍ଠ ସାମ୍ବାଦିକ କପିଳେଶ୍ୱର ପ୍ରଧାନଙ୍କ ପରଲୋକ

ବୌଦ୍ଧ,୨୮/୮ (ନି.ପ୍ର): ଜିଲା ସାମ୍ବାଦିକ ସଂଘର ପୂର୍ବତନ ସଭାପତି ତଥା ବରିଷ୍ଠ ସାମ୍ବାଦିକ କପିଳେଶ୍ୱର ପ୍ରଧାନଙ୍କ ୭୨ ବର୍ଷ ବୟସରେ ହରଭଙ୍ଗା ବ୍ଲକ ଛତ୍ରଙ୍ଗସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ଗୁରୁବାର ସନ୍ଧ୍ୟାରେ ଘରେ ଖାଇସାରି ବିଶ୍ରାମ ନେଉଥିବା ସମୟରେ ହଠାତ୍ ସେ ଅସୁସ୍ଥ ଅନୁଭବ କରିଥିଲେ । ସନ୍ଧ୍ୟା ୭ଟା ୩୦ ମିନିଟ ସମୟରେ ତାଙ୍କର ପରଲୋକ ଘଟିଥିବା ପରିବାର ସୂତ୍ରରୁ ଜଣାଯାଇଛି । ସ୍ୱର୍ଗତ ପ୍ରଧାନ ଦୀର୍ଘ ୪୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସାମ୍ବାଦିକତା କରିବା ସହିତ ଦୀର୍ଘବର୍ଷ ଧରି ଜିଲାର ଏକମାତ୍ର ସରକାରୀ ସ୍ୱିକୃତୀପ୍ରାପ୍ତ ସାମ୍ବାଦିକ ଭାବରେ ମାନ୍ୟତା ପାଇ କାର୍ଯ୍ୟ କରିଥିଲେ । ଜଣେ କର୍ତବ୍ୟ ନିଷ୍ଠ ସାମ୍ବାଦିକ ଭାବରେ ସେ ଜିଲା ତଥା ରାଜ୍ୟ ସ୍ତରରେ ପରିଚିତ ଥିଲେ । ରାଜ୍ୟ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ତାଙ୍କୁ ଅନେକ ଥର ପୁରସ୍କୃତ କରାଯାଇଥିବାବେଳେ ଜିଲା ପ୍ରଶାସନ ପକ୍ଷରୁ ମଧ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ସାଂସାରିକ ଜୀବନରେ ରହିଥିଲେ ମଧ୍ୟ ସେ ସନ୍ୟାସୀ ଭଳି ଜୀବନ କଟାଇବା ସହିତ ଭଗବାନଙ୍କ ସେବାରେ ଅଧିକ ସମୟ କାଟୁଥିଲେ । ବାତ ରୋଗରେ ପୀଡ଼ିତ ହୋଇ ଦୀର୍ଘଦିନ ଧରି ସେ ଅସୁସ୍ଥ ଥିବା ସହିତ ଚିକିତ୍ସିତ ହୋଇଆସୁଥିଲେ । କପିଳେଶ୍ୱରଙ୍କ ପରଲୋକ ଖବର ପ୍ରଚାରିତ ହେବାରେ ଜିଲା ସାମ୍ବାଦିକ ମହଲରେ ଗଭୀର ଶୋକ ପ୍ରକାଶ ପାଇବା ସହିତ ବୌଦ୍ଧ ଜିଲା ସାମ୍ବଦିକ ସଂଘ ପକ୍ଷରୁ ମଧ୍ୟ ଗଭୀର ଶୋକ ପ୍ରକାଶ ପାଇଛି । ଜିଲା ସାମ୍ବାଦିକ ସଂଘର ପୂର୍ବତନ ସମ୍ପାଦକ ନବ କୁମାର ମିଶ୍ର, ଅବିଭକ୍ତ ବୌଦ୍ଧ କନ୍ଧମାଳ ଜିଲା ସାମ୍ବାଦିକ ସଂଘର ପୂର୍ବତନ ସଭାପତି ସୌରେନ୍ଦ୍ର କିଶୋର ଷଡଙ୍ଗୀ, ବରିଷ୍ଠ ସାମ୍ବାଦିକ ରବିନ୍ଦ୍ର କୁମାର ରାଉତ, ସମ୍ପଦ କୁମାର ଅଗ୍ରୱାଲା, ଦେବାଶିଷ ପୁରୋହିତ, ଯୋଗେଶ ପ୍ରସାଦ ନାୟକ, ସୌମିତ୍ର କୁମାର ନାୟକ ଓ ଜିଲା ସଂଘର ସଭାପତି ରତ୍ନାକର ବେହେରାଙ୍କ ସମେତ ଜିଲାର ବରିଷ୍ଠ ସାମ୍ବଦିକମାନେ କପିଳେଶ୍ୱରଙ୍କ ବିୟୋଗରେ ଜିଲା ସାମ୍ବାଦିକ ମହଲ ପାଇଁ ଏକ ଅପୂରଣିୟ କ୍ଷତି ବୋଲି ପ୍ରକାଶ କରିଛନ୍ତି । ଆଜି ସକାଳୁ ଶତାଧିକ ପରିବାର ଲୋକେ, ପାଖପଡିଶା, ସାମ୍ବାଦିକ, ବୁଦ୍ଧିଜିବୀମାନେ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଆଜି ସକାଳେ ଗ୍ରାମର ରାଜଘାଟ ଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ତାଙ୍କର ଏକ ମାତ୍ର ପୁତ୍ର ସୁବାସ ପ୍ରଧାନ ମୁଖାଗ୍ନି ପ୍ରଦାନ କରିଥିଲେ ।

ଖରସ୍ରୋତା ନଦୀରେ ମେଗା ପାନୀୟ ଜଳ ପ୍ରକଳ୍ପକୁ ବିରୋଧ ଘଟଣା

ଜିଲ୍ଲା ପ୍ରଶାସନ ସହିତ ଖରସ୍ରୋତା ବଂଚାଅ ସଂଗ୍ରାମ ସମିତିର ଆଲୋଚନା ବିଫଳ

ପଟ୍ଟାମୁଣ୍ଡାଇ,୨୮/୮ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକାର ଭାରିଗଦା ଠାରେ ଖରସ୍ରୋତା ନଦୀରେ ମେଗା ପାନୀୟ ଜଳ ପ୍ରକଳ୍ପକୁ ବିରୋଧ ଘଟଣାରେ ଜିଲ୍ଲା ପ୍ରଶାସନ ସହିତ ଖରସ୍ରୋତା ବଂଚାଅ ସଂଗ୍ରାମ ସମିତିର ଏକ ବୈଠକ ଆଜି ପଟ୍ଟାମୁଣ୍ଡାଇ ବ୍ଲକ୍ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି । ତେବେ ବୈଠକରେ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ବିଫଳ ହୋଇଛି । ସରକାରଙ୍କ ପକ୍ଷରୁ ପ୍ରକଳ୍ପ କାର୍ଯ୍ୟ ବନ୍ଦ କରାନଯିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଗ୍ରାମ ସମିତି ଚେତାବନୀ ଦେଇଛି । ପ୍ରକାଶ ଥାଉକି, ଭଦ୍ରକ ଜିଲ୍ଲାର ୪ଟି ବ୍ଲକକୁ ପାନୀୟ ଜଳ ଯୋଗାଣ ପାଇଁ କେନ୍ଦ୍ରାପଡ଼ାର ଭାରିଗଦା ଠାରେ ଏହି ମେଗା ପ୍ରକଳ୍ପ ନିର୍ମାଣ ହେଉଛି। ସ୍ଥାନୀୟ ଲୋକେ ଏହାକୁ ବିରୋଧ କରୁଛନ୍ତି । ତେବେ ପୋଲିସ ଉପସ୍ଥିତିରେ ପ୍ରକଳ୍ପ କାର୍ଯ୍ୟ ଜାରୀ ରହିଛି । ଉତେଜନାକୁ ଦୃଷ୍ଟିରେ ରଖି ପ୍ରକଳ୍ପ ସ୍ଥଳକୁ ଯିବାକୁ ଲୋକଙ୍କୁ ବାରଣ କରାଯାଇଛି । ଏହା ସତ୍ତ୍ୱେ ଗତ ୧୨ ତାରିଖରେ ବହୁ ସଂଖ୍ୟାରେ ଆନ୍ଦୋଳନକାରୀ ଭାରିଗଦା ଠାରେ ଏକାଠି ହୋଇ ଆଗକୁ ବଢିବାକୁ ଉଦ୍ୟମ କରିବା ବେଳେ ପୋଲିସ ସହ ମୁହାଁମୁହିଁ ହୋଇଥିଲେ ।

ସ୍କୁଲ ପରିସରରେ ଜବତ ଗାଈ: ନେବାପାଇଁ ମାଲିକଙ୍କ ଭିଡ଼

କେନ୍ଦ୍ରାପଡ଼ା,୨୮/୮ (ନି.ପ୍ର): କେନ୍ଦ୍ରାପଡା ପୌରସଂସ୍ଥା ପକ୍ଷରୁ ସହରରେ ବୁଲୁଥିବା ଗାଈ ଗୁଡିକୁ ଧରାଯାଇ ପୁରୁଣା ବସଷ୍ଟାଣ୍ଡ ସ୍ଥିତ ଫେଜର ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅଟକ ରଖା ଯାଇଥିବାରୁ ସ୍କୁଲ ପରିସର ଗୋବର ଓ ଗୋମୁତ୍ରରେ ଭର୍ତି ହୋଇଯାଇଛି । ଶିକ୍ଷୟିତ୍ରୀ ଓ ଛାତ୍ରୀମାନେ ସ୍କୁଲ ମଧ୍ୟକୁ ପ୍ରବେଶ କରିନପାରି ନାନା ଅସୁବିଧାର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଛି । ଅପରପକ୍ଷରେ ଜବତ ହୋଇଥିବା ଗାଈଗୁଡିକର ମାଲିକମାନେ ଗାଈ ନେବାପାଇଁ ସ୍କୁଲ ପରିସରରେ ପ୍ରବେଶ କରି ବିଡି, ସିଗାରେଟ, ତମାଖୁ, ପାନ ପ୍ରଭୃତି ଖାଇ ଅଳିଆ, ଆବର୍ଜନା କରିଥିବା ଅଭିଯୋଗ ହୋଇଛି । ଏଭଳି ଅଭାବନୀୟ ପରିସ୍ଥିତିରେ ଗାଈ ମାଲିକଙ୍କ ହୋ ହାଲ୍ଲା ଭିତରେ ସ୍କୁଲ ରପିସର ନଷ୍ଟ ହେଉଥିବା ଦେଖିବାକୁ ମିଳିଛି । ସୂଚନା ମୁତାବକ କେନ୍ଦ୍ରାପଡା ସହରର ଗାଈ ମାଲିକମାନେ ଗାଈ ବେକରେ କଳାପଟି ବାନ୍ଧି ରାସ୍ତା ଉପରକୁ ଛାଡି ଦେଉଥିବାରୁ ପୁରୁଣା ବସଷ୍ଟାଣ୍ଡ ଅଂଚଳ, ଜିଲ୍ଲା କାର୍ଯ୍ୟାଳୟ, କେନ୍ଦ୍ରାପଡା କୋର୍ଟ ପରିସର ଓ ଅନ୍ୟ ସର୍ବ ସାଧାରଣ ରାସ୍ତା ମାନଙ୍କରେ ଦଳ ଦଳ ହୋଇ ବୁଲିବା ସହ ରାସ୍ତା ଉପରେ ଶୋଇ ରହୁ ଥିବାରୁ ଟ୍ରାଫିକ ସମସ୍ୟାକୁ ନେଇ ଅଭିଯୋଗ ହେଉଥିଲା । ପୌରସଂସ୍ଥା ପକ୍ଷରୁ ଗାଈ ନଛାଡିବା ପାଇଁ ପ୍ରଚାର କରାଯାଇ ଥିଲେ ମଧ୍ୟ ମାଲିକ ମାନେ ଏହାକୁ ନ ମାନିବାରୁ ଗାଈ ଗୁଡିକୁ ଜବତ କରାଯାଇ ଫେଜର ବାଳିକା ବିଦ୍ୟାଳୟ ପରିସରରେ ରଖା ଯାଇଛି ।

୨୩ କେଜି ଗଞ୍ଜେଇ ଜବତ ଅଭିଯୁକ୍ତ କୋର୍ଟ ଚାଲାଣ

କେନ୍ଦ୍ରାପଡ଼ା,୨୮/୮ (ନି.ପ୍ର): କେନ୍ଦ୍ରାପଡା ଅବକାରୀ ବିବାଗ ତରଫରୁ ଚଢାଉ କରି ୨୩ କିଲୋ ଗଞ୍ଜେଇ ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇ ଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ ଆଳି ଥାନା ଅନ୍ତର୍ଗତ ତେଲିପାଟଣା ଗ୍ରାମର ମନୋରଞ୍ଜନ ସାହୁ, ଦୀର୍ଘଦିନ ହେଲା ଗଞ୍ଜେଇ ବ୍ୟବସାୟ କରି ଆସୁଥିଲେ । ଖବର ପାଇ ଜିଲ୍ଲା ଅବକାରୀ ବିଭାଗ ଅଧିକ୍ଷକ ସୁବର୍ଣ୍ଣ ନାୟକଙ୍କ ନିର୍ଦ୍ଦେଶ କ୍ରମେ ନିରୀକ୍ଷକ କମଳ ଲୋଚନ ପାଇରାୟ, ଆଳିର ଅମରେନ୍ଦ୍ର କୁମାର ଶତପଥୀ, ଟୁକୁନା ପ୍ରଧାନ ପ୍ରମୁଖ ଚଢାଉ କରି ଗଞ୍ଜେଇ ଜବତ କରିବା ସହ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି ।

ତେଲକୋଇରେ ଥମୁନାହିଁ ଗଜରାଜଙ୍କ ଉପଦ୍ରବ: ବନ ବିଭାଗ ନୀରବଦ୍ରଷ୍ଟା: ଆତଙ୍କିତ ଅବସ୍ଥାରେ ଅଂଚଳବାସୀ

କେନ୍ଦୁଝର,୨୮/୮ (ନି.ପ୍ର): କେନ୍ଦୁଝର ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ ହାତୀପଲଙ୍କର ଉପଦ୍ରବ ଲାଗି ରହିଥିବା ବେଳେ ତେଲକୋଇ ଅଂଚଳରେ ଏହା ସଙ୍ଗୀନ ଅବସ୍ଥାରେ ପହଂଚିଅଛି । ବିଶେ

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୯ ଅଗଷ୍ଟ, ୨୦୨୧
email : rabibarachayan2015@gmail.com

ରବିବାର ଚୟନ

.....ସୁଚୟନ ସୁଚୟନ ସୁଚୟନ.....

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

ଧାରାବାହିକ : ଜୀବନାନୁଭୂତି

ମୋର ପୂର୍ବ ସ୍ମୃତି କଥା

ଭାଗ-୪୧

(ପୂର୍ବ ପ୍ରକାଶିତ ଉତ୍ତାରୁ...)



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ୍ୟ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ମଢ଼ିରେ ମୁଁ ଚାରିମାସ ରହିଲା ପରେ ସୁପରିଣ୍ଟେଣ୍ଡେଣ୍ଟ୍ ଶ୍ରୀ ରାଜକିଶୋର ତ୍ରିପାଠୀ ପୀଡ଼ିତ ହୋଇ ଦୀର୍ଘ ଛୁଟି ନେଲେ ଓ ମୁଁ ତାଙ୍କ ସ୍ଥାନରେ ନିଯୁକ୍ତ ହୋଇ ଗଡ଼ରେ ରହିଲି । ନାବାଳକ ରାଜା ଶ୍ରୀ ଶଙ୍କରପ୍ରତାପ ମହେନ୍ଦ୍ର ବାହାଦୂର ଓ ତାଙ୍କ କନିଷ୍ଠ ଭ୍ରାତା ପଟ୍ଟାୟତ, ମୁଁ ଢେଙ୍କାନାଳ ଯିବା ପୂର୍ବରୁ ରାୟପୁର ରାଜକୁମାର କଲେଜକୁ ପ୍ରେରିତ ହୋଇଥିଲେ। ରାଜବାଟୀରେ ରହିଥିଲେ ସ୍ୱର୍ଗତ ରାଜାଙ୍କ ବିଧବା ରାଣୀ ଓ ରାଜମାତା ଓ ଅବଶିଷ୍ଟ ତିନିଚାରି ଜଣ ରାଜପୁତ୍ର । ଶ୍ରୀ ଅଖିଳଚନ୍ଦ୍ର ମୁଖାର୍ଜୀ ରାଜା ଓ ପଟ୍ଟାୟତଙ୍କ ଗୃହଶିକ୍ଷକ ନିଯୁକ୍ତ ହୋଇ ସେମାନଙ୍କ ସଙ୍ଗେ ରାୟପୁରରେ ରହୁଥିଲେ । ସେ ମଧ୍ୟରେ ମଧ୍ୟରେ କଲେଜ ଅବକାଶ ସମୟରେ ଢେଙ୍କାନାଳକୁ ଆସନ୍ତି । ଅଖିଳବାବୁ ଖାଣ୍ଟି ବଙ୍ଗାଳୀ । ଅନ୍ୟ ବଙ୍ଗାଳୀଙ୍କ ମଧ୍ୟରେ ଢେଙ୍କାନାଳ ହାଇସ୍କୁଲର ହେଡ୍‌ମାଷ୍ଟର ଶ୍ରୀ ରାଜେନ୍ଦ୍ରଲାଲ ଦତ୍ତ ଓ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ୍ ଶ୍ରୀ ପ୍ରଫୁଲ୍ଲ କୁମାର ସରକାର ବିଶେଷ ଭାବରେ ଉଲ୍ଲେଖଯୋଗ୍ୟ । ଏମାନଙ୍କୁ ସ୍ୱର୍ଗତ ରାଜା ସୁରପ୍ରତାପ ମହେନ୍ଦ୍ର ବାହାଦୂର ଆଣିଥିଲେ । ଏମାନଙ୍କ ସଙ୍ଗେ ମୁଁ ଘନିଷ୍ଠଭାବରେ ମିଶି ଦେଖିଥିଲି, ଏମାନଙ୍କ ମନରେ ସଂକୀର୍ଣ୍ଣ ପ୍ରାଦେଶିକତା ଭାବ ନଥିଲା । ଏମାନଙ୍କ ସାହାଯ୍ୟରେ ଢେଙ୍କାନାଳର ଜଣକେତେ ଓଡ଼ିଆ ଛାତ୍ର ସ୍କୁଲ ଓ କଟକ କଲେଜରେ ଶିକ୍ଷାପ୍ରାପ୍ତ ହୋଇଥିଲେ । ରାଜେନ୍ଦ୍ରବାବୁଙ୍କ ଘରେ ରହି ଜଣକେତେ ଓଡ଼ିଆ ଛାତ୍ର ହାଇସ୍କୁଲରେ ପଢୁଥିଲେ । ରାଜେନ୍ଦ୍ରବାବୁ ହୋମିଓପ୍ୟାଥିକ୍ ବାକ୍‌ସ ଧରି ନିକଟବର୍ତ୍ତୀ ପାଣିସାହିରେ ଓ ଅନ୍ୟାନ୍ୟ ନୀଚ ଜାତୀୟ ଲୋକଙ୍କ ଘରକୁ ଯାଇ ସେମାନଙ୍କ ଚିକିତ୍ସା ଓ ଶୁଶ୍ରୁଷା କରିବା ତାଙ୍କ ଦୈନିକ କାର୍ଯ୍ୟଥିଲା । ପ୍ରଫୁଲ୍ଲ ବାବୁ କିଛିକାଳ ରହି ଚାଲିଗଲେ ଓ କଲିକତାର ସୁପ୍ରସିଦ୍ଧ ବଙ୍ଗଳା ସମ୍ବାଦପତ୍ର ଆନନ୍ଦବଜାର ପତ୍ରିକାର ସମ୍ପାଦକତ୍ୱ ଗ୍ରହଣ କଲେ ଓ ବଙ୍ଗଦେଶରେ ନାନାପ୍ରକାର ମଙ୍ଗଳକର କାର୍ଯ୍ୟରେ ଯୋଗଦେଲେ । ସେ କେତେଖଣ୍ଡ ଉଚ୍ଚକୋଟୀର ଉପନ୍ୟାସ ଓ ଅନ୍ୟାନ୍ୟ ପୁସ୍ତକମାନ ଲେଖିଅଛନ୍ତି । ସେ ଆଉ ଇହ ଜଗତରେ ନାହାଁନ୍ତି । ବଙ୍ଗପ୍ରଦେଶରେ ତାଙ୍କ ମୃତ୍ୟୁ ଦିବସ ପାଳିତ ହେଉଅଛି ଏବଂ ବଙ୍ଗବାସୀଗଣ ତାଙ୍କ ସ୍ମୃତିରକ୍ଷା ସକାଶେ ବ୍ୟବସ୍ଥା କରୁଅଛନ୍ତି ।

ରାଜା ସୁରପ୍ରତାପ ବୈଷ୍ଣବ ଧର୍ମାବଲମ୍ବୀ ଥିଲେ ଓ ରାଜାନୁଗତ ଧର୍ମ ରାଜ୍ୟର ସମସ୍ତ ବିଭାଗକୁ ପ୍ରଭାବିତ କରିଥିଲା । ଅପର ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ୍ ଶ୍ରୀ ପାର୍ବତୀଚରଣ ଦାସ ଜଣେ ନୈଷ୍ଠିକ ବୈଷ୍ଣବ ଥିଲେ । ସେ ପ୍ରଥମରେ ରାଜାଙ୍କର ଗୃହଶିକ୍ଷକ ହୋଇ ଆସିଥିଲେ । ପରେ ଷ୍ଟେଟ୍‌ର ସରକାରୀ ଦେଓ୍ୱାନ ପଦରେ ନିଯୁକ୍ତ ହେଲେ । ରାଜାଙ୍କ ମୃତ୍ୟୁ ପରେ କେତେକ ଦିନ ମାତ୍ର ରହି କାର୍ଯ୍ୟରୁ ଅବସର ଗ୍ରହଣ କଲେ । ପରେ ବୃନ୍ଦାବନକୁ ଯାଇ ଦୀକ୍ଷା ଗ୍ରହଣ କଲେ ଓ ସଂସାର ତ୍ୟାଗକରି ପରିବ୍ରାଜକ ସନ୍ନ୍ୟାସୀ ହୋଇ ଅନ୍ତିମ ଜୀବନଯାପନ କଲେ । ତାଙ୍କ ପ୍ରଭାବରେ ଷ୍ଟେଟ୍‌ର ଦେବୋତ୍ତର ବିଭାଗର ଉନ୍ନତି ଅକ୍ଷୁର୍ଣ୍ଣ ରହିଥିଲା । ଷ୍ଟେଟ୍‌ରେ ଅନେକ ଗୁଡ଼ିଏ ମଠବାଡ଼ି ଅଛି । ସେ ସମସ୍ତର ପରିଚାଳନାର ସୁବ୍ୟବସ୍ଥା ଥିଲା । ଷ୍ଟେଟ୍‌ରେ ଅନେକଗୁଡ଼ିଏ ମଠବାଡ଼ି ଅଛି । ସେ ସମସ୍ତର ପରିଚାଳନାର ସୁବ୍ୟବସ୍ଥା ଥିଲା । ସୁପ୍ରସିଦ୍ଧ କପିଳାସ ପାହାଡ଼ ଉପରେ ଚନ୍ଦ୍ରଶେଖର ମହାଦେବଙ୍କ ମନ୍ଦିର । ତାହାର ପୂଜାବିଧି ଦେଖିଲେ ଚମତ୍କୃତ ହେବାକୁ ହୁଏ । ପାର୍ବତୀବାବୁ ଖଣ୍ଡକେତେ ବୈଷ୍ଣବ ଧର୍ମ ପୁସ୍ତକ ଲେଖି ଯାଇଅଛନ୍ତି । ତନ୍ମଧ୍ୟରେ ଓଡ଼ିଆରେ ଚୈତନ୍ୟ ଚରିତାମୃତ ପ୍ରଧାନ ।

ଢେଙ୍କାନାଳର କପିଳାସ ପାହାଡ଼ ଏକ ଅତି ରମଣୀୟ ଓ ସ୍ୱାସ୍ଥ୍ୟକର ସ୍ଥାନ । ନିତ୍ୟ ନିର୍ଝରନିଃସୃତ ଜଳରାଶି ସେବିତ ଚନ୍ଦ୍ରଶେଖର ମହାଦେବଙ୍କ ମନ୍ଦିରର ଚତୁଃପାର୍ଶ୍ୱରେ ସ୍ଥାପିତ ସାଧୁ ସନ୍ନ୍ୟାସୀ ମଠମାନ ପୁରାକାଳୀନ ଋଷ୍ୟାଶ୍ରମର ଦୃଶ୍ୟ ସମ୍ପାଦନ କରୁଅଛନ୍ତି । ପର୍ବତଶିଖରରୁ ନିଃସୃତ ଜଳ ଅତି ଶୀତଳ । ଗ୍ରୀଷ୍ମକାଳରେ ସୁଦ୍ଧା ଥରେ ମାତ୍ର ସ୍ନାନକଲେ ଶ୍ରାନ୍ତି, କ୍ଳାନ୍ତି ଅପନୋଦିତ ହୁଏ । ଏହି ଜଳରେ ଖଣିଜ ଦ୍ରବ୍ୟ ରାସାୟନିକ ପ୍ରକ୍ରିୟାରେ ମିଳିତ ହୋଇଥିବାରୁ ଅଜୀର୍ଣ୍ଣ ପ୍ରଭୃତି ଉଦରରୋଗ ପକ୍ଷରେ ଅତ୍ୟନ୍ତ ଉପକାରୀ ଏଠାରେ ପ୍ରତିବର୍ଷ ଶିବରାତ୍ରିରେ ଗୋଟିଏ ବୃହତ୍ ମେଳା ହୁଏ । ବହୁ ଦୂରରୁ ଯାତ୍ରୀ ଓ ବଣିକମାନେ ବେପାର ନେଇଆସନ୍ତି । ଯାତ୍ରୀମାନଙ୍କ ସକାଶେ ଗୋଟିଏ ଧର୍ମଶାଳା ଅଛି । ଉଚ୍ଚଶ୍ରେଣୀୟ ବ୍ୟକ୍ତିଙ୍କ ପାଇଁ ଗୋଟିଏ ସୁସଜ୍ଜିତ ବଙ୍ଗଳା ମଧ୍ୟ ଅଛି । ପୁରୀ ଜଗନ୍ନାଥ ମନ୍ଦିର ତୁଲ୍ୟ ଏଠାରେ ମଧ୍ୟ ପକ୍ୱ ମହାପ୍ରସାଦ ବିକ୍ରୟ ହୁଏ । ପର୍ବତର ପାଦଦେଶରେ ଦେଗାଁ ଗ୍ରାମ । ମନ୍ଦିରର ସେବକମାନେ ଏହି ଗ୍ରାମରେ ବାସ କରନ୍ତି ଓ ପ୍ରତ୍ୟହ ମନ୍ଦିରକୁ ସେବା ସକାଶେ ଯାଆନ୍ତି । ପର୍ବତ ଉପରକୁ ଉଠିବା ସକାଶେ ଦୁଇଟି ମାର୍ଗ; ଗୋଟିଏ ସଳଖ, ଚାଲି ଯିବାକୁ ହୁଏ । ଅପରଟି ପର୍ବତ ଗାତ୍ରକୁ ପରିକ୍ରମ କରି ତୀର୍ଯ୍ୟକ ଭାବରେ ଯାଇଅଛି । ଏହି ମାର୍ଗରେ ମୋଟର ଗାଡ଼ି ଆଦି ଯିବା ସକାଶେ ସୁଦ୍ଧା ସୁବିଧା କରା ହୋଇଅଛି । ଢେଙ୍କାନାଳରେ କପିଳାସ ପର୍ବତ ଏକ ସ୍ୱାସ୍ଥ୍ୟନିବାସ ।

ଢେଙ୍କାନାଳର ଜୋରନ୍ଦା ଗ୍ରାମ ମହିମାଧର୍ମାବଲମ୍ବୀଙ୍କ ପୀଠ । ଏହି ଧର୍ମାବଲମ୍ବୀ ଅନେକ ସାଧୁ ଏଠାରେ ରହିଅଛନ୍ତି । ସେହି ସମୟରେ ବାବା କୃପାସିନ୍ଧୁ ଦାସ ଜଣେ ସିଦ୍ଧ ସନ୍ନ୍ୟାସୀ ଥିଲେ । ମାଘ ମାସରେ ଏମାନଙ୍କର ଗୋଟିଏ ବୃହତ୍ ମେଳା ହୁଏ ଭାରତବର୍ଷର ଭିନ୍ନ ଭିନ୍ନ ଅଞ୍ଚଳରୁ ସାଧୁମାନେ ଆସି ଏଠାରେ ଏକତ୍ରିତ ହୁଅନ୍ତି ।

ଢେଙ୍କାନାଳର ପ୍ରଜାମାନଙ୍କ ଅବସ୍ଥା ଦରିଦ୍ର ଥିଲା । ଧନୀ ବୋଲିବାକୁ କେହି ନଥିଲେ କହିଲେ ଚଳେ । ପୁଣି ସେହି ସମୟରେ ଦୁର୍ଭିକ୍ଷପୀଡ଼ା ଯୋଗୁଁ ରାଜ୍ୟବାସୀଙ୍କ ଦାରିଦ୍ର୍ୟ ଅତିମାତ୍ରାରେ ଅନୁଭୂତ ହେଉଥିଲା । ବେଠି ପ୍ରଥା ଗଡ଼ଜାତର କଳଙ୍କ ବୋଇଲେ ଅତ୍ୟୁକ୍ତି ହେବନାହିଁ । ବିନା ପାରିଶ୍ରମିକରେ ରାଜା ଓ ରାଜକର୍ମଚାରୀମାନଙ୍କ ଘରୋଇ କାର୍ଯ୍ୟ କରିବା ପ୍ରଜାମାନଙ୍କ କର୍ତ୍ତବ୍ୟ ବୋଲି ନିୟମ ଥିବାରୁ ପ୍ରତ୍ୟେକ ପ୍ରଜା ଏଥିରେ ଉତ୍ପୀଡ଼ିତ ହେଉଥିଲେ । କୃଷି ଛଡ଼ା ଅନ୍ୟ ବ୍ୟବସାୟ ନଥିବାରୁ ବାଣିଜ୍ୟର ସେତେ ପ୍ରସାର ମଧ୍ୟ ନଥିଲା । ବ୍ରାହ୍ମଣୀ ନଦୀ ଢେଙ୍କାନାଳକୁ ଦୁଇଭାଗରେ ବିଭକ୍ତ କରିଯାଇଅଛି । ଏହା କେତେକାଂଶରେ ବାଣିଜ୍ୟ ପଥର କାର୍ଯ୍ୟ ସମ୍ପାଦନ କରୁଅଛି । ବ୍ରାହ୍ମଣୀ କୂଳରେ ଭୁବନ ଏକ ବଡ଼ ଗ୍ରାମ । ଏଠାରେ ଉତ୍କୃଷ୍ଟ କଂସା, ପିତ୍ତଳ ବାସନ ପ୍ରସ୍ତୁତ ହୁଏ ।

ଦିନେ 'କୃଷ୍ଣପ୍ୟାରୀ' ହାତୀରେ ମଫସଲ ଗସ୍ତରେ ଯାଉଥିଲି । ସଙ୍ଗେ ନେଇ ଯାଇଥିଲି ଅକାରଣ ମହାପାତ୍ର ଅମିନଙ୍କୁ । ମହାପାତ୍ରେ କଟକବାସୀ, ପୌଢ଼ବୟସ୍କ ଅନେକ ଦିନ ଢେଙ୍କାନାଳରେ ରହିଥିଲେ । କଥାବାର୍ତ୍ତାରୁ ବୁଝିଲି, ଢେଙ୍କାନାଳ ସମ୍ବନ୍ଧରେ ଅନେକ କଥା ତାଙ୍କୁ ଜଣା । ହାତୀ ପିଠିରେ ବସି ନାନା ବିଷୟରେ ତାଙ୍କ ସହିତ ଗଳ୍ପକରି ମୋର କୌତୂହଳ ନିବାରଣ କରୁଥାଏ । 'କୃଷ୍ଣପ୍ୟାରୀ'ର ନାମକରଣ ସମ୍ବନ୍ଧରେ ତାଙ୍କୁ ପଚାରିଲି । ସେ କହିଲେ, "ସେହି ହାତୀଟି କଟକବାସୀ କୃଷ୍ଣଚନ୍ଦ୍ର ମହାନ୍ତି ଦେଓ୍ୱାନଙ୍କ ଅମଳରେ ଢେଙ୍କାନାଳ ଜଙ୍ଗଲରେ ଧରା ହୋଇଥିଲା ଓ ତାଙ୍କ ନାମାନୁସାରେ ତାହାର ନାମ ଦିଆହୋଇଥିଲା, ଏହା କହୁ କହୁ ସେ କହିବାକୁ ଲାଗିଲେ-

"ପହିଲେ ଆସିଲେ ମହାନ୍ତି,
ସେତେବେଳେ କେହି ନାହାଁନ୍ତି ।
ତହିଁରୁ ଆସିଲେ ବଙ୍ଗାଳୀ
ରାଜ୍ୟକୁ କଲେ କାଙ୍ଗାଳି ।
ତହିଁରୁ ଆସିଲେ ଶିଖ,
ଲୋକଙ୍କୁ ମଗାଇଲେ ଭିକ
ଏବେ ଯେ ଆସିଛନ୍ତି କଛି,
ସବୁ ତ ନେଉଛନ୍ତି ପୋଛି ।"

ମହାପାତ୍ରଙ୍କ ଅନୁଭୂତି ଓ ମୋର ଅନୁସନ୍ଧାନ ଫଳରେ ଯେଉଁ ତଥ୍ୟମାନ ଆବିଷ୍କୃତ ହେଲା ତାହା ଲିପିବଦ୍ଧ ହେବା ଆବଶ୍ୟକ । ଯେକୌଣସି ରାଜ୍ୟରେ ପ୍ରତିଷ୍ଠିତ ଶାସନ ପ୍ରଣାଳୀ ଓ ଶାସକଙ୍କ ଦ୍ୱାରା ତାହାର ପରିଚାଳନ ଓ ପରିପାଳନଦ୍ୱାରା ରାଜ୍ୟବାସୀଙ୍କ ଆର୍ଥିକ ଓ ନୈତିକ ଜୀବନ ନିୟନ୍ତ୍ରିତ ହୋଇଥାଏ । ପୂର୍ବେ ଗଡ଼ଜାତ ରାଜ୍ୟ ସମୂହ ଯେ ନିବିଡ଼ ତମସାଚ୍ଛନ୍ନ ଓ ତନ୍ମଧ୍ୟକୁ ଜ୍ଞାନାଲୋକର ପ୍ରବେଶ ନିଷିଦ୍ଧ ଥିଲା, ଏଥିରେ ମତଦ୍ୱୈଧ ନାହିଁ । ରାଜାଙ୍କୁ ଶାସନ କାର୍ଯ୍ୟରେ ସାହାଯ୍ୟ କରିବା ସକାଶେ ରାଜ୍ୟରେ ଯୋଗ୍ୟ ବ୍ୟକ୍ତିଙ୍କ ଅଭାବ ସୁଦ୍ଧା କେଉଁଠାରେ ନଥାଏ ସେହିପରି ବ୍ୟକ୍ତିଙ୍କ ଉପରେ ରାଜାଙ୍କ ଆସ୍ଥା ନଥିବା ଯୋଗୁଁ ବାହାରୁ ମନ୍ତ୍ରୀ ବା ଦେଓ୍ୱାନ ଆମଦାନୀ ହୁଅନ୍ତି । ଢେଙ୍କାନାଳରେ ସେପରି ଯୋଗ୍ୟ ବ୍ୟକ୍ତିଙ୍କ ଅଭାବ ଯୋଗୁଁ ପ୍ରଥମରେ ଦେଓ୍ୱାନ ପଦରେ କଟକ ଅଞ୍ଚଳରୁ କୃଷ୍ଣଚନ୍ଦ୍ର ମହାନ୍ତି ଆସିଥିଲେ । (କ୍ରମଶଃ)

ପର୍ଦ୍ଦା ପଛର କଥା -୭

ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ। ପ୍ରାୟ ୭୦ଟିରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି। ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ। ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ।

'ନବେ ଦଶକର ଯାତ୍ରା-୨'

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଶ୍ରୀକାନ୍ତ ଗୌତମଙ୍କ ସାଥିରେ ବନ୍ଧୁତ୍ୱ ଜମିଲା । ପ୍ରଶାନ୍ତ ନନ୍ଦଙ୍କ ଘରେ ଓ ଶ୍ରୀକାନ୍ତ ଗୌତମଙ୍କ ବିଜେବି ନଗରସ୍ଥିତ କ୍ୟାସେଟ୍ କଂପାନୀ ଅଫିସରେ ।

ମୋ ଲିଖିତ କେତେଗୁଡ଼ିଏ ଆଧୁନିକ ଗୀତ ଶୁଣାଇଲି । କିଛି ଲାଇନ୍ ପସନ୍ଦ ଲାଗିଲା ଶିକୁନି ବାବୁଙ୍କୁ । 'ମେଡ୍‌ଇନ୍ ଓଡ଼ିଶା' ନାମରେ ଏକ କ୍ୟାସେଟ୍‌ର ରେକର୍ଡିଂ କରାଇ ଟି.ସିରିଜ୍ ଦ୍ୱାରା ମୁକ୍ତିଲାଭ କରାଇଲେ । ସମୁଦାୟ ୪ଟି ଗୀତର ଗୀତିକାର ଭାବରେ ମୋ ନାଁ ଥିଲା । ହେଲେ କୌଣସି ଗୋଟିଏ ଗୀତକୁ ପୂର୍ଣ୍ଣ ଭାବରେ ମୁଁ ରଚନା କରିନଥିଲି ।

ଏଭଳି ମାନସିକତା କ୍ୱଚିତ ବନ୍ଧୁଙ୍କ ପାଖରେ ଦେଖିବାକୁ ମିଳେ । ଅବଶ୍ୟ କ୍ୟାସେଟ୍‌ଟି ଆଶାନୁରୂପ ସଫଳତା ପାଇପାରିଲା ନାହିଁ ।

ଗୋଟିଏ ଜଗନ୍ନାଥ ଭଜନ ଲେଖିଥିଲି, "ତତେ ଧରିଲେ କାଳିଆ ମଲି, ତତେ ଛାଡ଼ିଲେ କାଳିଆ ମଲି' । ଗୀତଟିକୁ ଏକ ମଂଚରେ ଅରବିନ୍ଦ ମୁଦୁଲିଙ୍କୁ ଦେଖାଇଲି । ସାଥେ ସାଥେ ଟ୍ୟୁନ୍ କରି ମଞ୍ଚରେ ଗାଇଥିଲେ । ହେଲେ ଗୀତଟିକୁ ରେକର୍ଡିଂ କଲେ ନାହିଁ । ମନରେ ଅଭିମାନ ଆସିଥିଲା । ସଂଗୀତ ନିର୍ଦ୍ଦେଶକ ସ୍ୱର୍ଗତ ସୁମନ୍ତ ମହାନ୍ତି ମଧ୍ୟ ଏହାକୁ ରେକର୍ଡିଂ କରିଥିଲେ । ମାତ୍ର କ୍ୟାସେଟ୍‌ରେ ମୋ ନାଁରେ ମୋ ଗୀତ ନଥିଲା । ସେହି ଟ୍ୟୁନ୍‌ରେ ଅନ୍ୟଜଣେ ଗୀତିକାରଙ୍କ ଗୀତ ମୋ ନାଁରେ ଦିଆଯାଇଥିଲା । ମୁଁ ଭୀଷଣ ଅସନ୍ତୁଷ୍ଟ ହୋଇଥିଲି ସୁମନ୍ତଙ୍କ ଉପରେ ।

ସେହି ଗୀତଟିକୁ ଶ୍ରୀକାନ୍ତ ଗୌତମଙ୍କୁ ଶୁଣାଇଲି । ତାଙ୍କ ପସନ୍ଦ ଆସିଲା ଲିରିକ୍‌ଟି, ନିଜ କମ୍ପାନୀରେ ପ୍ରସ୍ତୁତ ଏକ କ୍ୟାସେଟ୍‌ରେ ମୋ ଗୀତରେ ଲାଇନ୍‌କୁ ନେଇ ଚମତ୍କାର ଗୀତଟେ ଲେଖିଦେଲେ ଶ୍ରୀକାନ୍ତବାବୁ ଓ ମୋର ଅନ୍ୟ ଦୁଇଟି ଗୀତ ସେ କ୍ୟାସେଟ୍‌ରେ ସ୍ଥାନ ପାଇଥିଲା । ଗୀତଗୁଡ଼ିକୁ ସଂଗୀତରେ ସଜେଇଥିଲେ କଣ୍ଠଶିଳ୍ପୀ ତଥା ସଂଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଲିତ୍ ।

ଶ୍ରୀକାନ୍ତ ଗୌତମଙ୍କ କ୍ୟାସେଟ୍ କମ୍ପାନୀରେ ଶିକୁନି ବାବୁ ପ୍ରାୟତଃ ନୂଆ ନୂଆ କଣ୍ଠଶିଳ୍ପୀ, ସଂଗୀତ ନିର୍ଦ୍ଦେଶକଙ୍କୁ ସୁଯୋଗ ଦେଇଥାନ୍ତି । ସଂଘର୍ଷ ସମୟରେ ସରୋଜ ନନ୍ଦଙ୍କୁ ଏବଂ ପରେ ରମେଶ ମହାନନ୍ଦଙ୍କୁ ଅନେକ ସୁଯୋଗ ଦେଇଥିଲେ। କିନ୍ତୁ ପ୍ରାୟତଃ ସବୁ ଗୀତର ଗୀତିକାର ନିଜେ ଥିଲେ । ତେବେ ପ୍ରଥମଥର ପାଇଁ ଗୀତିକାର ଭାବରେ ଶିକୁନି ବାବୁ ମତେ ସୁଯୋଗ ଦେଇଥିଲେ । ଯାହାକି ପରବର୍ତ୍ତୀ କାଳରେ ମୋ ଆତ୍ମବିଶ୍ୱାସକୁ ବହୁ ଗୁଣରେ ବଢ଼ାଇ ଦେଇଥିଲା ।

ଶିକୁନିବାବୁ ଥରେ ଚିନ୍ତା କଲେ ନିଜ ନିର୍ଦ୍ଦେଶନାରେ ଚଳଚ୍ଚିତ୍ରଟିଏ କରିବେ । ତାଙ୍କର ଅନୁରୋଧ ମୁଁ ସଂଳାପ ଲେଖିବି । ମୁଁ ରୋମାଂଚିତ ହେଲି । କାହାଣୀ ପ୍ରସ୍ତୁତ ଚାଲିଲା । ପରୀକ୍ଷା ନିରୀକ୍ଷାର ପୂର୍ଣ୍ଣ ସ୍ୱାଧୀନତା ମତେ ମିଳିଲା । କାହାଣୀର ଶୀର୍ଷକ ଥିଲା 'ନଖୀନାନୀ ପୁଅ ଭଗିଆ' । ଏହା ଓଡ଼ିଶାର ଏକ ପ୍ରଚଳିତ ଆପ୍ତବାକ୍ୟ । ନାମ ଅନୁସାରେ କାହାଣୀର ପରିକଳ୍ପନା । ପ୍ରଚ୍ଛନ୍ନ ଭାବରେ ଫକୀର ମୋହନଙ୍କ 'ରାଣ୍ଡିପୁଅ ଅନନ୍ତା' ମୋ ଉପରେ ସବର ହୋଇ ସାରିଥିଲା । ମୁଁ କଲେଜରୁ ଛୁଟି ନେଇ ବି.ଜେ.ବି ନଗର ଅଫିସରେ ସ୍କ୍ରିପ୍ଟ ପ୍ରସ୍ତୁତ କରୁଥିଲି । ସେହି ସମୟରେ ଅଜୟ ରାଉତରାୟଙ୍କ ନିର୍ଦ୍ଦେଶନାରେ ଏକ ଧାରାବାହିକର ମହୁରତ ମଧ୍ୟ ହୋଇଥିଲା ।

ତେବେ 'ନଖୀନାନୀ ପୁଅ ଭଗିଆ' କାମ ଆଗକୁ ଆଗେଇ ପାରିଲା ନାହିଁ । ପରେ ଶୁଣିଲି ସେହି ଶୀର୍ଷକରେ ନିର୍ଦ୍ଦେଶକ ବସନ୍ତ ସାହୁ ପୂର୍ବରୁ ଏକ ଚଳଚ୍ଚିତ୍ର ନିର୍ମାଣର ପରିକଳ୍ପନା କରିଥିଲେ । ଯାହାହେଉ ମୋର ଅଭିଜ୍ଞତାର ତାଲିକା ଟିକେ ଲମ୍ବା ହୋଇଗଲା ।

ଏହା ମଧ୍ୟରେ ଦେବ୍ରାଜ ଲେଙ୍କାଙ୍କ ଏକ ଉପନ୍ୟାସକୁ ଚଳଚ୍ଚିତ୍ର କରିବା ପାଇଁ ବନ୍ଧୁ ଅଜୟ ରାଉତରାୟ ଚିନ୍ତା କଲେ । ଦେବ୍ରାଜ ବାବୁଙ୍କ 'ପୁନଶ୍ଚ କର୍ଣ୍ଣାର୍ଜୁନ' ପରେ ପରେ ତା'ର ନାମକରଣ 'ଧୂର ପୃଥିବୀର ତରା' ହୋଇ ପୁସ୍ତକ କଳେବରରେ ପ୍ରକାଶିତ ହୋଇଥିଲା । ସାପୁଆ କେଳାଙ୍କ ପାରମ୍ପରିକ ଜୀବନଶୈଳୀ ଓ ସଂଘର୍ଷର ଏକ ବିଚିତ୍ର କାହାଣୀ ଥିଲା ଉପନ୍ୟାସଟି । ଚଳଚ୍ଚିତ୍ର ପାଇଁ ଥିଲା ଏହା ଏକପ୍ରକାର ଚ୍ୟାଲେଞ୍ଜ ।

ଦେବ୍ରାଜ ବାବୁଙ୍କ ଅନୁମତି ନଆଣି ମୁଁ ଓ ଅଜୟ ରାଉତରାୟ ସ୍କ୍ରିପ୍ଟ ପ୍ରସ୍ତୁତ କରିବା ଆରମ୍ଭ କରିଦେଲୁ । ଦେବ୍ରାଜ ବାବୁଙ୍କ ସହ ମୋର ବ୍ୟକ୍ତିଗତ ସଂପର୍କ ହେତୁ ମୁଁ ଆଗେଇ ଯାଇଥିଲି । ଦେବ୍ରାଜ ବାବୁଙ୍କ ଅନୁମତି ପତ୍ର ନିମନ୍ତେ କୁଶପଙ୍ଗୀ (ବାଙ୍କୀ) ସ୍ଥିତ ତାଙ୍କ ଘରକୁ ଗଲୁ । ଅପୂର୍ବ ସମ୍ଭାଷଣ । ବିନା ପାରିଶ୍ରମିକରେ ଦେବ୍ରାଜ ବାବୁ ଚଳଚ୍ଚିତ୍ର ରୂପାୟନ ନିମନ୍ତେ ଅନୁମତି ପ୍ରଦାନ କରିଦେଲେ ।

ସିନୋପସିସ୍‌ର ଆଧାରରେ ଓ.ଏଫ୍.ଡି.ସି.ରୁ ଋଣ ପାଇଁ ଆବେଦନ କରାଗଲା । ମାତ୍ର ଅନେକ ଦିନ ପରେ ପ୍ରଯୋଜକ ଏହି ପ୍ରୋଜେକ୍ଟରୁ ଓହରିଗଲେ । ଅନ୍ୟଜଣେ ପ୍ରଯୋଜକ ଏହି କାହାଣୀକୁ ନେଇ ଚଳଚ

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୨୯ ଅଗଷ୍ଟ, ୨୦୨୧

■ ଆଲୋଚନା ■

ସ୍ୱାଧିନତା ସଂଗ୍ରାମର ପିତାମହ : ତିଲକ

ଇଂରେଜ ଶାସନର ରଥଚକତଳେ ଭାରତୀୟ ଅର୍ଥନୀତି, ରାଜନୀତି ଓ ସାଂସ୍କୃତିକ ଜୀବନ ଦୟନୀୟ ଅବସ୍ଥାରେ ଥିଲାବେଳେ,କାଳଜୟୀ,ଯଶସ୍ୱୀ, ପ୍ରଜ୍ଞା ପୁରୁଷ ,ନିର୍ଭିକ ସାମ୍ବାଦିକ,ପ୍ରବୀଣ ରାଜନୀତିଜ୍ଞ,ସତ୍ୟନିଷ୍ଠ ଦେଶ ପ୍ରେମୀ ,ପରମ ପୂଜ୍ୟ,ଦୀନ ଦୁର୍ବଳର ବନ୍ଧୁ ଭାରତୀୟ ସଂସ୍କୃତିର ପୁରୋଧା ଓ ସ୍ୱାଧୀନତାର ପଥ ପ୍ରଦର୍ଶକ କେଶବ(ବାଲ୍)ଗଙ୍ଗାଧର ତିଲକ ପୂଣ୍ୟାତ୍ମା ଗଙ୍ଗାଧର ତିଲକ (ପଟୁ) ଓ ପାର୍ବତୀ ବାଇ ଙ୍କ କୋଳ ମଣ୍ଡନ କରି ୧୮୫୬ ମସିହା ଜୁଲାଇ ୨୩ତାରିଖରେ ମହାରାଷ୍ଟ୍ରର ରତ୍ନଗିରି ସହରରେ ଚିତପାବନ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ପ୍ରଥମେ କେଶବ ନାମ ଥିଲା। ପରେ ବାଲ୍ ଡାକ ନାମରେ ତିଲକ ପରିଚିତ ହେଲେ। ପିତାମହ ରାମଚନ୍ଦ୍ରଙ୍କ ଠାରୁ ବାଲ୍ ଗଙ୍ଗାଧର୧୮୫୭ ର ମହାନ୍ ବିପ୍ଳବ ଶୁଣିଥିଲେ ଏହି ଘଟଣା ତାଙ୍କ ଉପରେ ପ୍ରଭାବ ପକାଇଥିଲା। ପିତାମହ ସଂସାର ପରିତ୍ୟାଗ କରି ସନ୍ନ୍ୟାସ ଗ୍ରହଣ କରିବାରୁ ଗଙ୍ଗାଧରଙ୍କ ଉତ୍ତରୋତ୍ତର ଶିକ୍ଷା ସମ୍ଭବ ହେଲା ନାହିଁ। ତେଣୁ ସେ ମରାଠୀ ବିଦ୍ୟାଳୟରେ ଶିକ୍ଷକତା କରିବା ସମୟରେ ସଂସ୍କୃତ ଶାସ୍ତ୍ର ଅଧ୍ୟୟନ କରି ପାରଦର୍ଶିତା ଲାଭ କଲେ। ୧୮୭୬-୭୭ରେ ଦାକ୍ଷିଣାତ୍ୟ ଅଂଚଳର ଘୋର ଦୂର୍ଭିକ୍ଷ ବାଳ ଗଙ୍ଗାଧରଙ୍କୁ ପ୍ରଭାବିତ କରିଥିଲା। ମାତୃଭୂମିର ସ୍ୱାଭିମାନ କେବଳ ଶିକ୍ଷା ମାଧ୍ୟମରେ ସୁରକ୍ଷିତ ହୋଇପାରିବାର ଅନୁଭବ ତିଳକ ହିଁ କରିପାରିଥିଲେ। ତେଣୁ ସେ ସାର୍ବଜନୀନ କାକା ଶ୍ରୀ ଗଣେଶ ବାସୁଦେବ ଯୋଷୀଙ୍କ ଦ୍ୱାରା ବିଶେଷ ପ୍ରଭାବିତ ହୋଇଥିଲେ। ଗୋପାଳ ଅଗରକର ଓ ତିଲକ ଦୁଇ ବନ୍ଧୁ ଦେଶ ବାସିଙ୍କ ହିତ ପାଇଁ ଜୀବନ ଉତ୍ସର୍ଗ କରିବାକୁ ସଂକଳ୍ପବଦ୍ଧ ଥିଲେ। ତେଣୁ ଦୁଇ ବନ୍ଧୁ ଧାର୍ମିକ ସାମାଜିକ,ଓ ରାଜନୈତିକ ସଂଗଠନ ଗୁଡିକରେ ସକ୍ରିୟ ସଂପର୍କ ରକ୍ଷା କରିଥିଲେ। ଅଗରକର ଡେକାନ୍ କଲେଜରୁ ଏମ୍.ଏ ଓ ତିଲକ ବମ୍ବେ ବିଶ୍ୱବିଦ୍ୟାଳୟରୁ ଆଇନ୍ ଡିଗ୍ରୀ ହାସଲ କରି ଦେଶ ସେବା ପାଇଁ ନିଜକୁ ସଂପୂର୍ଣ୍ଣ ପ୍ରସ୍ତୁତ କରିପାରିଥିଲେ। ଚିପଲୁ, ଅଗରକର ଓ ତିଲକ ଚିନ୍ତା କଲେ ଶିକ୍ଷା ବିନା ଭାରତରେ ଜନବିପ୍ଳବ ସମ୍ଭବ ନୁହେଁ। ତେଣୁ ସେମାନେ ୧୮୮୦ ସାଲ ଜାନୁୟାରୀ ୧ ତାରିଖରେ ନିଉ ଇଂଲିଶ ସ୍କୁଲ୍ ନାମକ ଶିକ୍ଷାନୁଷ୍ଠାନ ସ୍ଥାପନ କଲେ। ବିଦ୍ୟାଳୟ ପରିଦର୍ଶନରେ ହଣଟର ସାହେବ ଯେଉଁ ମନ୍ତବ୍ୟ ଦେଲେ ତାହା ଅତ୍ୟନ୍ତ ଉତ୍ସାହଜନକ ଥିଲା । ସମିତି ସଭ୍ୟ ମାନଙ୍କ ସହିତ ବିତର୍କ ଓ ମତାନ୍ତର ଯୋଗୁଁ ତିଲକ ଇସ୍ତଫା ଦେଇଥିଲେ। ପରାଧୀନ ଭାରତୀୟ ଜନସାଧାରଣଙ୍କର ଆଭିମୁଖ୍ୟ ଓ ମତକୁ ସରକାରଙ୍କ ପାଖରେ ଉପସ୍ଥାପନ କରିବା ପାଇଁ, ତିଲକ ୧୮୮୧ ରେ ମରାଠୀ ସମ୍ବାଦପତ୍ର 'କେଶରୀ' ଓ ଇଂରାଜୀ ସମ୍ବାଦ ପତ୍ର 'ଦି ମରାଠା' ଉଭୟ ସାପ୍ତାହିକ ପତ୍ରିକା ପ୍ରକାଶ କରିଥିଲେ। କେଶରୀର ସମ୍ପାଦକ ଥିଲେ ଅଗରକର ଓ ଦି ମରାଠା ର ସମ୍ପାଦକ ଦାୟିତ୍ୱ ତିଲକ ସ୍ୱୟଂ ଗ୍ରହଣ କରିଥିଲେ। ଉଭୟ ପତ୍ରିକା ମରାଠା ମାନଙ୍କ ଭିତରେ ଜାତୀୟ ଚେତନା ଓ ରାଜନୀତିକ ଜାଗୃତି ସୃଷ୍ଟି କରିବାରେ ସଫଳ ହୋଇଥିଲା।ତିଲକ ଜାତୀୟ ଜନ ଜିବନର ସମସ୍ୟା ମାନ ଉପସ୍ଥାପନ କରି ମରାଠୀ ସାହିତ୍ୟର ଉନ୍ନତି ଓ ବିକାଶର ମଧ୍ୟ ସହାୟକ ହୋଇଥିଲେ। ଅଗରକର ସମ୍ପାଦକ ପଦରୁ ଓହରି ଯିବାରୁ ତିଲକ ଉଭୟ ପତ୍ରିକାର ସମ୍ପାଦକ ଦାୟିତ୍ୱ ଗ୍ରହଣ କରିଥିଲେ।

ପାଶ୍ଚାତ୍ୟ ସଭ୍ୟତାର ଅନ୍ଧାନୁକରଣକୁ ତିଲକ ପସନ୍ଦ କରୁ ନଥିଲେ। ପ୍ରାଚୀନ ଭାରତୀୟ ସଂସ୍କୃତିକୁ ପ୍ରଚଳନ ଓ ନାରୀ ଶିକ୍ଷା ଉପରେ ତିଲକ ଗୁରୁତ୍ୱ ଦେଉଥିଲେ। ବିବାହ ପାଇଁ ବାଳିକାଙ୍କ ବୟସ ୧୬ ବର୍ଷ ଓ ବାଳକଙ୍କ ବୟସ ୨୧ ବର୍ଷ ଉଚିତ ମନେ କରିଥିଲେ । ୪୦ ବର୍ଷ ପରେ ପୁରୁଷ ଦ୍ୱିତୀୟ ବିବାହ କରିବା ଅନୁଚିତ। ଯଦି ସେ ପୁର୍ନବିବାହ ଚାହାନ୍ତି, ତେବେ ସେ କୌଣସି ବିଧବାକୁ ପତ୍ନୀ ରୂପେ ଗ୍ରହଣ କରିବା ଉଚିତ ହେବ। ତିଲକ ନିଜେ ଅସ୍ପୃଶ୍ୟତାର ବିରୋଧୀ ଥିଲେ। ହିନ୍ଦୁ ଧର୍ମର ମହତ୍ୱକୁ ସେ ଅତି ଗର୍ବର ସହିତ ପ୍ରଚାର କରୁଥିଲେ।

୧୮୯୧ ରେ 'ଆର୍ମସ୍ ଆକ୍ଟ' ଉପରେ ପ୍ରସ୍ତାବ ରଖି ଯେଉଁ ଭାଷଣଦେଲେ ତାହା ତାଙ୍କୁ ସର୍ବ ଭାରତୀୟ ନେତା ରୂପେ ମାନ୍ୟତା ଦେଇଥିଲା । ୧୮୯୪ ରେ ତିଲକ ବମ୍ବେ ବିଶ୍ୱବିଦ୍ୟାଳୟରେ ସିନେଟ୍‌ର ଫେଲୋମନୋନୀତ ହେଲେ। ତା ପରବର୍ଷ ପୁନା ନଗରପାଳିକାର ପରିଷଦ ପଦ ପାଇଁ ନିର୍ବାଚିତ ହୋଇ କାର୍ଯ୍ୟକାରୀ ପରିଷଦର ସଦସ୍ୟ ହୋଇଥିଲେ । ୧୮୯୫ ମସିହାରେ ବିଧାନ ପରିଷଦର ସଦସ୍ୟ ପଦରେ ନିର୍ବାଚିତ ହେଲେ। ରାଷ୍ଟ୍ରୀୟ କଂଗ୍ରେସର ପ୍ରମୁଖ ନେତା ଥିଲେ ଆଲାନ୍ ଆକ୍ଟାଭିୟାନ୍ ହ୍ୟୁମ୍, ତାଙ୍କୁ ପୂର୍ଣ୍ଣ ସମର୍ଥନ ଦେଉଥିଲେ ତିଲକ। ହ୍ୟୁମ୍ କିନ୍ତୁ ଇଂଲଣ୍ଡରେ ବିଶ୍ୱାସ ଘାତକ ବୋଲି ଚିତ୍ରିତ ହେଲେ। ୧୮୯୬-୯୭ରେ ଏକ ଭୟଙ୍କର ଦୁର୍ଭିକ୍ଷ ମହାରଷ୍ଟ୍ରରେ ଦେଖାଦେଲା। ତିଲକ ବିଭିନ୍ନ ଗ୍ରାମ ଓ ଜିଲ୍ଲାମାନ ଗସ୍ତ କରି ରିଲିଫ୍ ଓ ଆର୍ଥିକ ସାହାଯ୍ୟ ଆରମ୍ଭ କରିଦେଲେ।ଦୁର୍ଭିକ୍ଷ ସହିତ ପ୍ଲେଗ୍ ମହାମାରୀ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଲା।୧୮୯୭ ମାର୍ଚ୍ଚରେ ଏକ କମିଟି ଗଠନ ହେଲା। ତାହାର ଅଧ୍ୟକ୍ଷ ଭାବେ ରେଣ୍ଡ ନିଯୁକ୍ତ ହେଲେ। ଏହି କମିଟି ଲୋକମାନଙ୍କର କିଛି କାମରେ ଲାଗିଲା ନାହିଁ। ତିଲକ ନିଜ ପକ୍ଷରୁ ସ୍ୱେଚ୍ଛା ସେବୀ କେନ୍ଦ୍ରମାନ ସ୍ଥାପନ କରିଥିଲେ । ଏହି ସ୍ୱେଚ୍ଛାସେବୀ ମାନେ ପ୍ରତିଷେଧକ ବ୍ୟବସ୍ଥା ଅନୁ ସରଣ କରିବା ସହିତ ଲୋକମାନଙ୍କୁ ଆତଙ୍କିତ ନହେବା ପାଇଁ ପରାମର୍ଶ କାର୍ଯ୍ୟରେ ଲାଗିପଡ଼ିଲେ। ୧୮୯୭ ଜୁନ୍ ୨୨ ମଧ୍ୟରାତ୍ରରେ ପୁନାସ୍ଥ ଗଭର୍ଣ୍ଣହାଉସ୍‌ରୁ ଏକ ରାତ୍ରି ଭୋଜନ ସାରି ତିଲକ ସ୍ୱଗୃହକୁ ଫେରିବା ସମୟରେ ଅଜଣା ଦୁର୍ବୃତ୍ତମାନେ ରେଣ୍ଡସାହେବ ଓ ତାଙ୍କ ଅଙ୍ଗରକ୍ଷୀ ଲେଫଟନାଣ୍ଟଆୟବଟକୁ ହତ୍ୟା କରିଦେଲେ।ଏହି ଘଟଣାରେ ଦାମୋଦର ଚିପଲୁ ଫାସି ଦାଣ୍ଡ ପାଇଥିଲେ ତିଲକ ନିର୍ଦ୍ଦୋଷ ଥିଲେ ମଧ୍ୟ ପିଙ୍ଗଲ କୋଡ୍‌ର ୧୨୪(କ) ଧାରାରେ ଅଭିଯୁକ୍ତ ହେଲେ। ତାଙ୍କୁ ୧୮ମାସ ସଶ୍ରମ କାରାଦଣ୍ଡ ଆଦେଶ ଦିଆଗଲା। ଭାରତୀୟ ନେତା ମାନେ ଆପତି ଉଠାଇଲେ। ସଂସଦ ଉଇଲିୟମ୍ ହଣଟର ଓ ପ୍ରଫେସର୍ ମ୍ୟାକସ୍ ମୁଲ୍ଲର ଇଂରେଜ ସରକାରଙ୍କ ଉପରେ ଚାପ ପକାଇବାରୁ ୧୮୯୮ ସେପ୍ଟେମ୍ବର ୭ରେ ତିଲକ ଜେଲ୍‌ରୁ ମୁକ୍ତ ହେଲେ। ଏହା ପରେ ସେ ଲୋକମାନ୍ୟ ତିଲକ ନାମରେ ଅଭିହିତ ହୋଇ ସାରା ଭାରତର ପ୍ରିୟ ନେତା ଭାବରେ ସ୍ୱୀକୃତି ଲାଭ କଲେ । ପୁନା ଜେଲ୍‌ରେ ବୈଦିକ ଅର୍ଯ୍ୟ ସଭ୍ୟତା ଅଧ୍ୟୟନ କରି 'ଦି ଆର୍କଟିକ୍ ହୋମ୍ ଇନ୍ ଦି ବେଦସ୍' ପ୍ରକାଶିତ କରିଥିଲେ।

୧୯୦୬ କଲିକତା କଂଗ୍ରେସ୍ ଅଧିବେଶନରେ ପ୍ରାୟ ଦୁଇ ହଜାର ପ୍ରତିନିଧି ଓ ୧୦ ହଜାର ଦୈନିକ ଉପସ୍ଥାନରୁ କମ୍ ନଥିଲା।ପ୍ରଥମ ଥର ପାଇଁ ଏହି ଅଧିବେଶନରେ କଂଗ୍ରେସ୍ ସ୍ୱରାଜ ଦାବି କରିବା ଏକ ଗୁରୁତ୍ୱ ପୂର୍ଣ୍ଣ ସିଦ୍ଧାନ୍ତ ଥିଲା। ଚରମପନ୍ଥୀ ଓ ନରମପନ୍ଥୀ ଗୋଷ୍ଠି ବିବାଦ ଯୋଗୁ ତିଲକ ୧୯୦୭ ଜାନୁୟାରୀ ୨ତାରିଖରେ କାଲିକତାରେ କହିଥିଲେ, ଆଜି ଯିଏ ଚରମପନ୍ଥୀ କାଲି ହୁଏତ ନରମପନ୍ଥୀ ହୋଇପାରେ। ତୁମେ ଜଦି ସ୍ୱାଧିନ ହେବାକୁ ଚାହଁ, ସ୍ୱାଧିନ ହୋଇପାରିବ ନଚେତ ସବୁଦିନ ପାଇଁ ପରାଧୀନ ରହିବ । ତୁମେ ଅସାଧାରଣ କରିବାକୁ ସମର୍ଥ ନୁହଁ। ତେବେ ଇଂରେଜ ସରକାର ବିରୁଧରେ ଅହିଂସାତ୍ମକ ଅସହଯୋଗ ଆନ୍ଦେଳନ ତ କରିପାରିବ। ବିଦେଶୀ ପଦାର୍ଥ, ଅନୁଷ୍ଠାନ ଓ କରକୁ ବର୍ଜନ କର, ଐକ୍ୟବଧ ହୋଇ କରିପାରିବତ, କାଲି ତୁମେ ସ୍ୱାଧିନ ଦେବ। କଲିକତା ଅଧିବେଶନରେ ବଙ୍କିମ୍ ଚନ୍ଦ୍ର ଙ୍କର 'ବନ୍ଦେ ମାତରମ୍' ଜାତୀୟ ସଙ୍ଗୀତ ରୂପେ ମାନ୍ୟତା ଲାଭ କଲା। ବର୍ମାରୁ ଜେଲ୍ ଦଣ୍ଡ ଭୋଗକରି ତିଲକ ସୁରତ ଅଧିବେଶନରେ ଯୋଗ ଦେଇଥିଲେ। ଏହି ଅଧିବେଶନରେ ପ୍ରଥମ ଦିନରୁ ବିଶୃଖଳା ଆରମ୍ଭ ହୋଇଗଲା। ବିଶୃଖଳା ଚରମ ସିମାରେ ପହଂଚିଲା। କଂଗ୍ରେସ୍ ଇତିହାସରେ ସୁରତ ବିଭାଜନ ବୋଲି ଅଭିହି କରାଯାଏ। ତିଲକ ଓ ଲଜପତ ରାୟ ଭଳି ଉଗ୍ର ଜାତୀୟ ବାଦି କଂଗ୍ରେସ୍ ସ୍ରୋତରୁ ଭିନ୍ନ ରହିଗଲେ।ତିଲକ ମିଳାମିଶା ପାଇଁ ପଦକ୍ଷପ ନେଇଥିଲେ। ତିଲକ ଜାତୀୟ କଂଗ୍ରେସ୍ ବଦଳରେ ଆଂଚଳିକ କଂଗ୍ରେସ୍ ସମିଳନୀ ଅକୋଲା ସହରରେଆୟୋଜନ କଲେ। ସେଠାରେ ସେ କହିଥିଲେ ଯେ ସ୍ୱତନ୍ତ୍ରତା ଆମର ଜନ୍ମସିଦ୍ଧ ଅଧିକାର।

ତିଲକ ପୂର୍ବପରି କ୍ରିୟାଶୀଳ ଓ ଚଳଚଂଚଳ ହୋଇପଡ଼ିଲେ। ତାଙ୍କର ପ୍ରିୟ ଜାତୀୟ ଦଳକୁ ପୁନର୍ଜିବିତ କରିବାକୁ ଲାଗିପଡ଼ିଲେ। ଏଥିରେ ଆନିବେସାନ୍ତ ତାଙ୍କୁ ସାହାଯ୍ୟ କଲେ। ୧୯୧୪ ଅଗଷ୍ଟରେ ପ୍ରଥମ ବିଶ୍ୱଯୁଦ୍ଧରେ ତିଲକ ଗଣତନ୍ତ୍ରର ପ୍ରତିଷ୍ଠା ଓ ଏକଛତ୍ରବାଦୀ ଶାସନର ବିଲୋପ ପାଇଁ ସରକାରକୁ ସମର୍ଥନ ଜଣାଇଲେ। ତିଲକ ନିଜ ସମର୍ଥକମାନଙ୍କୁ ନେଇ ଶ୍ରୀଖାପର୍ଦେଙ୍କ ଅଧ୍ୟକ୍ଷତାରେ 'ହୋମ୍ ରୁଲ୍ ଲିଗ୍' ନାମକ ସମିତି ଗଠନ କରି ୧୯୧୬ ଏପ୍ରିଲ ୨୮ରେ ବେଲ ଗାଁଓ ସହରରେ ଏକ ସମାବେଶ ଆୟୋଜନ କରିଥିଲେ। ବିପୁଳ ସଂଖ୍ୟାରେ ସମର୍ଥକମାନେ ସ୍ୱରାଜ ପାଇଁ ସଂଗ୍ରାମ କରିବାକୁ ଆଗେଇ ଆସିଲେ। ଏହି ସମିତିରେ ସଭାପତି ଯୋଶେଫ ବାପଟିଷ୍ଟା ଓ କେଲକାର୍ ଏବଂ ଡ଼ି.ଭି. ଗୋଖଲେ ଦୁଇ ସେକ୍ରେଟାରୀଙ୍କୁ ନେଇ ଅତି ଅଳ୍ପ ସମୟରେ ତାଙ୍କର ଆଦର୍ଶକୁ ସର୍ବ ଭାରତୀୟ ସ୍ତରରେ ବ୍ୟାପକ କରିପାରିଥିଲେ। ସମ୍ବାଦପତ୍ରରେ ଭାରତର ମୁକୁଟ ବିହୀନ ସମ୍ରାଟ ଭାବରେ, ତିଲକ ଅଭିହିତ ହୋଇଥିଲେ। ସେ ସର୍ବଦା ଇଂଲଣ୍ଡର ଗଣତନ୍ତ୍ରକୁ ଭାରତରେ ପ୍ରଚଳନ କରାଇବାକୁ ଚାହୁଁଥିଲେ।

ଅମୃତସର ଅଧିବେଶନରେ ଗାନ୍ଧିଜୀ ଓ ତିଲକ ମଧ୍ୟରେ ହୋଇଥିବା ଆଲୋଚନା ଅତି ଗୁରୁତ୍ୟପୂର୍ଣ୍ଣଥିଲା। ତିଲକଙ୍କ ଆଦର୍ଶ ଭଗବାନ ଶ୍ରୀକୃଷ୍ଣ ଓ ଗାନ୍ଧିଜୀଙ୍କ ଆଦର୍ଶ ବୁଦ୍ଧ ଓ ଯୀଶୁଖ୍ରୀଷ୍ଟ। ତିଲକ ଜଣେ ଶାସ୍ତ୍ରଜ୍ଞ ପଣ୍ଡିତ, ଗାନ୍ଧୀଜି ଥିଲେ ତପସ୍ୱୀ ସାଧକ। ଉଭୟଙ୍କ ଶ୍ରଦ୍ଧା,ମମତା ଓ ପ୍ରେମ ଥିଲା ଭାରତମାତା ପ୍ରତି। ମେଲେରିଆ ଓ ନିମୋନିଆରେ ଆକ୍ରାନ୍ତ ହୋଇ ଭାରତୀୟ ସ୍ୱାଧୀନତା ସଂଗ୍ରାମର ମହାସେନାପତି ୧୯୨୦ ମସିହା ଜୁଲାଇ ୩୧ ତାରିଖ ମଧ୍ୟରାତ୍ରି ୧୨ଟା ୪୦ମିନିଟ୍‌ରେ ଶେଷନିଃଶ୍ୱାସ ତ୍ୟାଗ କରିଲେ।

ଭାରତର ବରପୁତ୍ର ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଲକଙ୍କୁ ମହାତ୍ମା ଗାନ୍ଧି, ସୌକତ ଅଲ୍ଲୀ, ଡ଼ଃ କିଚ୍ଲୁ ନେହୁରୁ ଆଦି ନେତାମାନେ କାନ୍ଧରେ ବମ୍ବେ ଚୌପାଠୀ ଶ୍ମଶାନ ଅଭିମୁଖେନେଲେ। ଚନ୍ଦନ କାଠର ଚିତାରେ ସଂଗ୍ରାମୀ ବୀରଙ୍କ ଦାହ ସଂସ୍କାର ହେଲା। ସାରା ଭାରତ ପାଇଁ ଅଗଷ୍ଟ ୧ ଥିଲା ଏକ ଦୁଃଖାତ୍ମକ ଦିବସ। ତିଲକ ଥିଲେ ନବଭାରତର ନିର୍ମାତା। ସେ ଥିଲେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ପିତାମହ। ଭାରତର ଗୌରବମୟ ଅତୀତର ପ୍ରତୀକ, ସଂସ୍କୃତିର ପୁରୋଧା, ସ୍ୱାଧୀନତାର ନେତୃ ପୁରୁଷ ଓ ସ୍ୱାଧୀନତାର ପଥପ୍ରଦର୍ଶକ ଭାବରେ ଚିରସ୍ମରଣୀୟ।

ଆଲେଖ୍ୟ : **ଅକ୍ଷୟ କୁମାର ରାଉତ**

ପାରାଦ୍ୱୀପ ଗଡ଼, କୁଜଙ୍ଗ , ଜଗତ୍‌ସିଂହପୁର

ମୋ-୯୯୩୭୬୯୧୪୭୫

ଧାରାବାହିକ ଉପନ୍ୟାସ

ରାଜନୀତି

ଭାଗ-୨

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ସୃଷ୍ଟିଧର ପରିଡା

❤ ଦେବଶ୍ରୁତି ନିବାସ, ଜେଲରୋଡ, ବାଲେଶ୍ୱର, (ମୋ)୯୪୩୭୦୬୩୭୦୫

ରାଜନୀତି ପାଇଁ ମଣିଷ କେମିତି ତୁଚ୍ଛ କରିଦିଏ ନିଜ ଘର, ଦ୍ୱାର, ଆତ୍ମୀୟ-ସ୍ୱଜନ, ବଂଧୁ ପରିଜନଙ୍କୁ , ତାହାହିଁ ମୋତେ ଅନେକାଂଶରେ ବିବ୍ରତ କରେ, ଯାହାକୁ ନେଇ ଏଇ ଉପନ୍ୟାସର ସୃଜନ। ଲେଖକଟିଏ ନିଜ ଭିତରେ ଆଶାବାଦର ସ୍ୱପ୍ନଦେଖେ, ପୂରଣ ନହେଲେ ନିରାଶାରେ ବୁଡିଯାଏ ଏବଂ ସେଥିରେ ତା' ସ୍ୱପ୍ନ ଭାଂଗିଯାଏ ଏବଂ ସେ ସେସବୁକୁ ଗୋଟେଇଗାଟେଇ ନିଜ ଲେଖାରେ ଚିତ୍ରରୂପ ଦିଏ, ଏହା ମୋର ବି ପ୍ରୟାସ । - ଲେଖକ

ଏତକ କହି ଉଠିଯାଇଥିଲେ ବାପା ।

ଆଜି ବାପାଙ୍କର ସେଇ କେଇପଦ କଥା ଆଉ ତାଙ୍କ ମୁହଁ ବାରମ୍ବାର ଅଭିଷେକର ମନେ ପଡୁଥିଲା । ଯେତେ ଭାବୁଥିଲା ସେତେ ଅବଶ ହୋଇ ଉଠୁଥିଲା ତାର ମନ । ଅତୀତର କଥା ଗୁଡିକ ଛୁରୀ ପରି ବିଦ୍ଧ କରୁଥିଲା ତା'ର ମନକୁ । ସତକଥା, କେତେ ବାସ୍ତବତା ଥିଲା ବାପାଙ୍କ କଥାରେ !

କାହିଁକି ସେଦିନ ବାପାଙ୍କ କଥା ମିଛ ଲାଗିଥିଲା ତାକୁ ? କାହିଁକି ବୁଝିପାରିଲାନି ବାପା ଅନ୍ତତଃ ପୁଅ ଆଗରେ କେବେ ମିଛ କହୁନଥିବେ ବୋଲି ? କାହିଁକି ସେ ଅବିଶ୍ୱାସ କରିଥିଲା ସେତେବେଳେ ତାଙ୍କୁ ?

ଆଜି ଇଚ୍ଛା ହେଉଛି ଘରକୁ ଫେରିଯିବା ପାଇଁ । ବାପାଙ୍କ ମନରେ ଦେଇଥିବା ଦୁଃଖର ପ୍ରାୟଶ୍ଚିତ କରିବା ପାଇଁ । ତାଙ୍କ ପାଦ ତଳେ ପଡ଼ି କରିଥିବା ଭୁଲର ସଂଶୋଧନ କରିବା ପାଇଁ ।

ପୁଣି ମନେ ପଡିଥିଲା ମା' କଥା। ସାନ ଥିବାବେଳେ ଯେତେବେଳେ ସେ ଅମାନିଆ ହୁଏ, ଖାଇବାକୁ ଅଳି କରେ, ସ୍କୁଲ ଯିବା ପାଇଁ ଅଝଟ ହୁଏ, ମା' ଛୋଟ ଛୋଟ ଗପ କହି ତାକୁ ଖୁଆଇ ଦେଉଥିଲେ । ପୁଣି କେତେ ମହାପୁରୁଷର କଥା କହୁଥିଲେ । ମା' କହିଥିବା ଗୋଟିଏ ଗପ ଏବେବି ତା'ର ମନେ ଅଛି। ଅନେକ ସମୟରେ ମା' କହୁଥିଲେ- "ବୁଝିଲୁ ଧନ! ଦିନେ ଭଗବାନ ଶ୍ରୀକୃଷ୍ଣ ନିଜେ ସୃଷ୍ଟି କରିଥିବା ଯଦୁବଂଶ ଉପରେ ଆସ୍ଥା ହରାଇ ବସିଥିଲେ। ଯଦୁବଂଶର ସମସ୍ତ ଉତ୍ତରାଧିକାରୀ ସୁରାପାନ, ଅନ୍ୟାୟ ଓ ଅନୀତିରେ ବୁଡ଼ି ରହିଥିଲେ। ସେହି ଅନ୍ୟାୟ ଓ ଅନୀତିକୁ ସ୍ୱୟଂ ଶ୍ରୀକୃଷ୍ଣ ମଧ୍ୟ ସୁଧାରି ପାରି ନଥିଲେ। ଶେଷରେ ନିରୁପାୟ ହୋଇ ନିଜେ ନିଜ ବଂଶକୁ ଧ୍ୱଂସ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ସେଠି ବ୍ୟଭିଚାର ଓ ବିଶୃଙ୍ଖଳା ଏତେ ଶୀର୍ଷସୀମାରେ ପହଞ୍ଚି ଯାଇଥିଲା ଯେ ପରସ୍ପର ଭିତରେ ଥିବା ଅବିଶ୍ୱାସ, ଘୃଣା, କପଟ ଓ ଛଳନା ଯୋଗୁ କେହି କାହାକୁ ଚିହ୍ନୁନଥିଲେ, କେହି କାହାକୁ ମାନୁନଥିଲେ । ସେମାନଙ୍କ ନିକଟରୁ ଭାଇଚାରା ଓ ବିଶ୍ୱାସ ସବୁ ହଜି ଯାଇଥିଲା। ନିଜ ନିଜ ଭିତରେ ଲଢ଼େଇରେ ଏତେ ମାତି ଯାଇଥିଲେ ଯେ ବୁଝି ପାରୁନଥିଲେ ଧ୍ୱଂସ ସେମାନଙ୍କ ଦ୍ୱାରଦେଶରେ ଉପନୀତ ହେଲାଣି । ଶେଷରେ ଧ୍ୱଂସ ହୋଇଯାଇଥିଲା ସେଇ ଯଦୁବଂଶ ।" ମା' କହୁଥିବା ଗପଟିର ମର୍ମକୁ ଆଜି ବୁଝୁଛି ଅଭିଷେକ । ଭଲଭାବେ ଅନୁଭବ କରୁଛି । ଏବେ ସମସ୍ତେ ଯେମତି ସେଇ ବିଶୃଙ୍ଖଳିତ ଯଦୁବଂଶର ଜଣେ ଜଣେ ଦାୟାଦ । କପଟତାର ମିଛ ଅଭିନୟରେ ସମସ୍ତେ ବ୍ୟସ୍ତ । ଅଣ୍ଟି ଛୁରି ତଣ୍ଟି କାଟିଲା ପରି ସ୍ୱାର୍ଥ ପାଇଁ ସମସ୍ତେ ସମସ୍ତଙ୍କ ଗଳା କାଟିବାରେ ବ୍ୟସ୍ତ । ସ୍ୱାର୍ଥ ଓ କ୍ଷମତା ପାଇଁ ନିଜେ ହିଁ ନିଜକୁ ନିଃଶେଷ କରି ଚାଲିଛନ୍ତି ସଭିଏଁ ।

ମା' ବହୁତ ମନେ ପଡୁଥିଲା ଅଭିଷେକର । ମା' ମାନେ ଶେଷ ପର୍ଯ୍ୟନ୍ତ ନିଜର ପିଲାମାନଙ୍କର ରକ୍ଷା କବଚ ସାଜନ୍ତି ଓ ଏମିତିକା ଉପଦେଶ ଦେଇଥାନ୍ତି। ମନେ ମନେ ସେହି ମା'କୁ ହୃଦୟର ନିଭୃତ ପ୍ରଦେଶରୁ ପ୍ରଣାମ ଜଣାଇଲା ସେ। ମା' କହୁଥିଲା ଜୀବନ ଗୋଟିଏ କୁରୁକ୍ଷେତ୍ର। ଏହି ଜୀବନ ରୂପକ ଧର୍ମଯୁଦ୍ଧରେ ଯେତେବେଳେ ହାରିଯିବୁ ସେତେବେଳେ ନିଜକୁ ନିଜେ ପଚାରିବୁ କ'ଣ ପାଇଁ ତୋର ଏ ପରାଜୟ ? ଏ ପ୍ରଶ୍ନର ଉତ୍ତର ତୁ ଆପଣାଛାଏଁ ପାଇପାରିବୁ । ଯେତେବେଳେ କୁରୁ-ପାଣ୍ଡବ ଯୁଦ୍ଧରେ ଅର୍ଜୁନ ଯୁଦ୍ଧ କରିବେ ନାହିଁ ବୋଲି ଅସ୍ତ୍ର ତ୍ୟାଗ କରିଥିଲେ, ସେତେବେଳେ ସଖା ଶ୍ରୀକୃଷ୍ଣ ତାଙ୍କୁ ସ୍ୱଧର୍ମ ଆଉ ପରଧର୍ମ ବିଷୟରେ ଗଭୀର ଜୀବନ ଦର୍ଶନ ଶୁଣାଇ ତାଙ୍କର ମୋହଭଙ୍ଗ କରିଥିଲେ। ଜୀବନର ପ୍ରକୃତ ଅର୍ଥ କ'ଣ, କର୍ମ କ'ଣ ଓ କର୍ମର ଉଦ୍ଦେଶ୍ୟ କ'ଣ, ଶ୍ରୀକୃଷ୍ଣଙ୍କ ଠାରୁ ଉପଯୁକ୍ତ ଜ୍ଞାନ ଲାଭ କରିଥିଲେ ଅର୍ଜୁନ। ଠିକ୍ ଭୁଲ୍ ଜାଣି ପାରିଥିଲେ ।

ତୁ ବହୁତ କିଛି ଜାଣିଛୁ ଓ ବୁଝିଛୁ ବୋଲି ଭାବିବା ଆତ୍ମର୍ଦ୍ଧା ମାତ୍ର । ଜୀବନରେ ଅନେକ କିଛି ଜାଣିବା ଓ ବୁଝିବାର ଅଛି । ବୁଝିଲୁ ଧନ ! ଭାବପ୍ରବଣତା ଏମିତି ଗୋଟିଏ ଜିନିଷ ବେଳେବେଳେ ମଣିଷ ନେଇଥିବା ସିଦ୍ଧାନ୍ତର ଦିଗକୁ ବି ବଦଳାଇ ଦିଏ । ଜୀବନକୁ ବିପଥଗାମୀ କରିପକାଏ । ତୋ ବାପା ତୋ ପାଇଁ ଶ୍ରୀକୃଷ୍ଣଙ୍କ ପରି ସଖାଟିଏ । ଅନେକ ସମୟରେ ତାଙ୍କର ପରାମର୍ଶ ତୋ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଚିନ୍ତା ଅନୁଚିନ୍ତା (୨୧)

୭୧ବର୍ଷର ଭାରତୀୟ ସମ୍ବିଧାନରେ ପରିବର୍ତ୍ତନ ଓ ସଂଯୋଜନ ଏକାନ୍ତ ଅପରିହାର୍ଯ୍ୟ

କବି ଓ ପ୍ରାବନ୍ଧିକ କାଳୀପଦ ପଣ୍ଡା ଧ୍ୱନି ପ୍ରତିଧ୍ୱନି ପାଠକମାନଙ୍କର ଗୋଟେ ଚିହ୍ନାମୁହଁ । ଏହା ପୂର୍ବରୁ ଶ୍ରୀ ପଣ୍ଡାଙ୍କର ଚିନ୍ତା ଚତୁରଙ୍ଗ, ଚିନ୍ତା ତରଙ୍ଗ, ଚିନ୍ତା ଚେତନା ଆଦି ସ୍ତମ୍ଭ ପ୍ରକାଶ ପାଇ ପାଠକୀୟତା ହାସଲ କରି ସାରିଛି । ଏଇ ନୂତନ ସ୍ତମ୍ଭ 'ଚିନ୍ତା ଅନୁଚିନ୍ତା'ରେ ଆପଣ ଭେଟିବେ ଲେଖକଙ୍କ ମାନସମନ୍ଥନକୁ ଗୋଟେ ନିଆରା ଢଙ୍ଗରେ ।

ସୂନାରୂଇ, ବି.କଟିସାହି, ସିଂଲା , ବାଲିଆପାଳ, ବାଲେଶ୍ୱର
(ମୋ) ୯୪୩୭୦୮୯୨୪୧/ ୮୯୧୭୨୫୫୪୯୩

ସମ୍ବିଧାନର ଜନକ ଭାବେ ସ୍ୱୀକୃତ ବି.ଆର.ଆମ୍ବେଦକର ସମ୍ବିଧାନ କାର୍ଯ୍ୟକାରୀ ହେବାର ତିନିବର୍ଷ ନ ପୂରୁଣୁ ଏକଦା କହିଲେ ଯେ ଏହା ଅନାବଶ୍ୟକ ଏବଂ ଏହାକୁ ବାତିଲ କରାଯାଉ । ସମ୍ବିଧାନ ପ୍ରସ୍ତୁତିରେ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିବା ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ମଧ୍ୟ କହିଥିଲେ ଅର୍ଥନୀତି, ସାମାଜିକ, କୃଷିର ଉନ୍ନତିରେ ସମ୍ବିଧାନର ମୌଳିକ ଅଧିକାର ଅନ୍ତରାୟ ସୃଷ୍ଟି କରୁଛି ।

ପୃଥିବୀର ସର୍ବବୃହତ୍ତ ସମ୍ବିଧାନ ଭାବେ ସ୍ୱୀକୃତ ଭାରତର ସମ୍ବିଧାନକୁ ୭୧ବର୍ଷ ପୂରଣ ହେଉଛି । ଏହି ସମ୍ବିଧାନ ନିର୍ମାଣରେ ଯେଉଁ ଦୂରଦୃଷ୍ଟି ସଂପନ୍ନ ଚିନ୍ତାନାୟକଗଣ ସମବେତ ହୋଇ ଭାରତର ଜନସାଧାରଣଙ୍କ ଦୈନନ୍ଦିନ ଜୀବନଧାରଣକୁ ସୁଖଦ ଶାନ୍ତିପୂର୍ଣ୍ଣ କରିବାରେ ଅସଂଖ୍ୟ ଧାରା ଉପଧାରାମାନ ସୃଷ୍ଟି କରି ଆମକୁ ଏକ ଅମୂଲ୍ୟନିଧି ଉପହାର ପ୍ରଦାନ କରିଥିଲେ ତାହା ଇତିମଧ୍ୟରେ ୭୧ବର୍ଷର ଅବଧିରେ ୧୦୦ରୁ ଉର୍ଦ୍ଧ୍ୱଥର ସଂଶୋଧିତ ହୋଇ ସାରିଥିଲେ ବି ସାଂପ୍ରତିକ ସ୍ଥିତିରେ ପରିବର୍ତ୍ତିତ ସମାଜଜୀବନର ଦ୍ରୁତ ପରିବର୍ତ୍ତନ ଧାରାରେ ଅନେକଗୁଡ଼ିଏ ପ୍ରସଙ୍ଗରେ ପୁର୍ନମୂଲ୍ୟାୟନ କରି ପରିବର୍ତ୍ତନ ସହ ନୂତନ ବିଧିବ୍ୟବସ୍ଥାର ସଂଯୋଜନ ଏକାନ୍ତ ଅପରିହାର୍ଯ୍ୟ ହୋଇଗଲାଣି ।

ଯେତେବେଳେ ସମ୍ବିଧାନ ପୂର୍ଣ୍ଣ ପ୍ରସ୍ତୁତି ସରିଥିଲା ସେତେବେଳେ କେଏମ୍ ମୁନ୍‌ସି ପ୍ରସ୍ତାବ ଦେଇଥିଲେ ଯେ ସମ୍ବିଧାନରେ ଆମର ସାଂସ୍କୃତିକ ଇତିହାସର ବାର୍ତ୍ତା ସ୍ଥାନ ପାଉ । କାରଣ ସମ୍ବିଧାନ ଗଠନରେ ଥିବା ଅନେକେ ଇଂରେଜ ଚିନ୍ତାଧାରାକୁ ଆଦର୍ଶ ବୋଲି ଗ୍ରହଣ କରୁଥିଲେ । ଏହି ଉକ୍ତିଟି ଆଜିର ସମୟରେ ବିଶେଷ ପ୍ରାସଙ୍ଗିକତା ବହନ କରେ । ଏତଦ୍ ବ୍ୟତୀତ ବିଚାରବିଭାଗ ଓ ସଂସଦର କ୍ଷମତା ନିର୍ଣ୍ଣୟ, କେନ୍ଦ୍ର ଓ ରାଜ୍ୟର ସୀମାରେଖା ସହ ଗ୍ରାମାଞ୍ଚଳରେ ଶାସନର ସୁବ୍ୟବସ୍ଥାକୁ ଅଧିକ ପ୍ରତିଫଳିତ କରିବା ନେଇ ପଞ୍ଚାୟତଗୁଡ଼ିକୁ ଅଧିକ କ୍ଷମତା ହସ୍ତାନ୍ତର ପ୍ରସଙ୍ଗ ରହିଛି । ସମ୍ବିଧାନର ଜନକ ଭାବେ ସ୍ୱୀକୃତ ବି.ଆର.ଆମ୍ବେଦକର ସମ୍ବିଧାନ କାର୍ଯ୍ୟକାରୀ ହେବାର ତିନିବର୍ଷ ନ ପୂରୁଣୁ ଏକଦା କହିଲେ ଯେ ଏହା ଅନାବଶ୍ୟକ ଏବଂ ଏହାକୁ ବାତିଲ କରାଯାଉ । ସମ୍ବିଧାନ ପ୍ରସ୍ତୁତିରେ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିବା ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ମଧ୍ୟ କହିଥିଲେ ଅର୍ଥନୀତି, ସାମାଜିକ, କୃଷିର ଉନ୍ନତିରେ ସମ୍ବିଧାନର ମୌଳିକ ଅଧିକାର ଅନ୍ତରାୟ ସୃଷ୍ଟି କରୁଛି ।

ଉପରୋକ୍ତ କେତୋଟି ମନ୍ତବ୍ୟକୁ ସମୀକ୍ଷା କଲେ ମନେହୁଏ ଏତେବଡ଼ ସମ୍ବିଧାନ ପ୍ରଣୟନ ପରେ ମଧ୍ୟ ସେହି ସମୟରୁ ସମ୍ବିଧାନ ସଂଶୋଧନ ଓ ସଂଯୋଜନର ବିଷୟ ଚର୍ଚ୍ଚାକୁ ଆସିଯାଇଥିଲା । ଆମ ସମ୍ବିଧାନ ପ୍ରସ୍ତୁତ ହୋଇ କାର୍ଯ୍ୟକାରୀ ହେଲା ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ । ଦୀର୍ଘ ତିନିବର୍ଷରୁ ଉର୍ଦ୍ଧ୍ୱକାଳ ସମୟ ଲାଗିଥିଲା ଏହାର ପ୍ରସ୍ତୁତିରେ । ସମ୍ବିଧାନକୁ ବିଶାଳ ଧାତୁରେ ନିର୍ମିତ ମୂର୍ତ୍ତି ବୋଲି କେତେକ ମତ ଦିଅନ୍ତି । ଯାହାର ସଫା ମଝିରେ ମଝିରେ କଲେ ପୂର୍ବଭଳି ଚମକିଥାଏ ବୋଲି କହିଥାନ୍ତି । ଏହାକୁ ମଧ୍ୟ ସ୍ୱାଧୀନ ଭାରତର ଏକ ଶ୍ରେଷ୍ଠ ସମ୍ପତ୍ତି ବୋଲି କୁହାଯାଇଥାଏ । ବିଧାନ ପ୍ରଣୟନ ସଭାରେ ସେତେବେଳେ ଥିଲେ ୨୯୨ଜଣ ସଦସ୍ୟ । ସବୁଧାରା ଉପରେ ଆସେମ୍ବ୍ଲିରେ ପୁଙ୍ଖାନୁପୁଙ୍ଖ ଚର୍ଚ୍ଚା ହୋଇ ଉଷ୍ମତା ବଢ଼ିଥିଲେ ବି ସବୁଥିରେ ସହମତ ପ୍ରକାଶ ପାଇଥିଲା । ସର୍ଦ୍ଦାର ପଟେଲ, ରାଜେନ୍ଦ୍ର ପ୍ରସାଦ, ଆମ୍ବେଦକର, ସାର୍ ଆଲାଡି କ୍ରିଷ୍ଣାସ୍ୱାମୀ ଆୟାର, ଦାଦାଭାଇ ନାରୋଜୀ, ଗୋପାଳକୃଷ୍ଣ ଗୋଖଲେଙ୍କ ସମେତ ସେତେବେଳର ଭାରତର ଫେଡ଼ରାଲ କୋର୍ଟର ମୁଖ୍ୟ ବିଚାରପତି ମୋରିସ ଗୟର ପ୍ରଭୃତିଙ୍କ ଚିଠା ପ୍ରସ୍ତୁତିରେ ରହିଥିଲା ପ୍ରମୁଖ ଅବଦାନ । ଆଇ ସିଏସ୍ ଅଫିସର ସାର୍ ବେନିଗଲ ନରସିଂହ ରାଓ ମୂଳଚିଠା ପ୍ରସ୍ତୁତ କରିଥିଲେ । ୧୯୪୯ ମସିହା ନଭେମ୍ବର ୨୧ରେ ବହୁ ବିଷୟରେ ଆଲୋଚନା ପର୍ଯ୍ୟାଲୋଚନା ହୋଇଥିଲା । ମହାତ୍ମାଗାନ୍ଧୀଙ୍କର କଥା ସମ୍ବିଧାନରେ ଅନ୍ତର୍ଭୁକ୍ତ ପାଇଁ ଦାବି ଉଠିବାରୁ ଗାନ୍ଧିଜୀଙ୍କ ଦର୍ଶନକୁ ବହୁ ପରିମାଣରେ ଚତୁର୍ଥଖଣ୍ଡରେ ରଖାଗଲା । ସମ୍ବିଧାନ ପ୍ରସ୍ତୁତିରେ ଯାହା ଆଲୋଚନା ହେଲା ଓ ମତ ଆସିଲା ସେ ସବୁକୁ ୧୧ ଖଣ୍ଡରେ ପ୍ରକାଶ ପାଇଲା । ଖୁବ୍ ବୃହତ୍ ପୃଷ୍ଠା ସମ୍ବଳିତ ଏହି ଆଲୋଚନା ଖଣ୍ଡ । ତେବେ ଏକ ବିସ୍ମୟକର କଥା ଯେ ଆଇନଜ୍ଞଙ୍କ ପାଇଁ ଆଇନଜ୍ଞଙ୍କ ଦ୍ୱାରା ପ୍ରସ୍ତୁତ ଏହି ସମ୍ବିଧାନ ନିର୍ମାଣରେ ସଂପୃକ୍ତ ଅନେକ ଆଇନଜ୍ଞ ବୃତ୍ତିରେ ନଥିଲେ । ଅଧିକାଂଶ ସ୍ୱାଧୀନତା ସଂଗ୍ରାମୀ ଥିଲେ । ସେତେବେଳେ କଂଗ୍ରେସର ଦାବିରେ ଭାଇସ୍‌ରାଏ ଓ୍ୱାଭେଲ ଇନ୍‌ଷ୍ଟିଚ୍ୟୁଏଣ୍ଟ ଆସେମ୍ବ୍ଲି ଗଠନ କରିଥିଲେ । ପ୍ରଦେଶମାନଙ୍କର ଆସେମ୍ବ୍ଲିରୁ ଏଥିପାଇଁ ସଦସ୍ୟ ନିର୍ବାଚିତ ହେଲେ । ସେତେବେଳର ବିଜ୍ଞ, ଅଭିଜ୍ଞ ଦେଶପ୍ରେମୀଙ୍କ ଦ୍ୱାରା ପ୍ରସ୍ତୁତ ଭାରତର ଏହି ଶ୍ରେଷ୍ଠ ସମ୍ପତ୍ତିକୁ ପରିବର୍ଦ୍ଧନ ପାଇଁ ଉଦ୍ୟମ ହେଉ । ଆବଶ୍ୟକତାକୁ ଭିତ୍ତିକରି କିଛି ପରିବର୍ତ୍ତନ ଓ ସଂଯୋଜନ ଏକାନ୍ତ ଅପରିହାର୍ଯ୍ୟ । ଏ ଦିଗରେ ସବୁସ୍ତରରେ ଉଦ୍ୟମ ହେବା ଉଚିତ ।

ପ୍ରେମରେ ପ୍ରେମରେ ଗୀତି ....(୧୫)

॥ ମୋ' ପରି ପ୍ରେମିକ କିଏ ॥

■ ବିପିନ ମହାନ୍ତି
୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

ତୁମେ ପଉଷର ଧାନର କିଆରି
ମୁଁ ଖୁସିର ରଇତଟିଏ,
ସୁନା କେଣ୍ଡା ପରି ତୁମ ହସ ଧାରୁ
ସପନ ସାଉଁଟି ନିଏ ।

ଗୋବର ଲିପା ମୋ' ଖଳାରେ ତୁମର
ଅମଳ କରୁଛି ଖୁସି,
କଳେଇ କଳେଇ ମାଳେଇ ହଳାରୁ
ଅମାର ଭରୁଛି ହସି,
ଦାମୁଡ଼ି ମନ ମୋ ଦାଉଣିରେ ବନ୍ଧା
ତୁମେ ମେରିଖୁଣ୍ଟ ପ୍ରିୟେ ।

ତୁମରି ପ୍ରେମର ବିହନକୁ ବାଛି
ଓଳିଆ ବାନ୍ଧିଛି ସଖୀ,
ବନ୍ଧ୍ୟା ମନେ ମୋ' ବୁଣିଦିଏ ତାକୁ
ପହିଲି ବରଷା ଦେଖି,
ଏବେ ମୁଁ ତୁମର ପ୍ରେମର କୁବେର
ମୋ' ପରି ପ୍ରେମିକ କିଏ ?

କଥା କିଞ୍ଚିତ

ଦୁଃଖସୁଖର ଜୀବନ (୩)



■ ଅଧ୍ୟାପକ ବିଶ୍ୱରଂଜନ

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଦୁଃଖ ଥିଲା ବୋଲି ବୁଦ୍ଧ ଆସିଲେ। ବୁଦ୍ଧତ୍ୱର ଉଦୟ ହେଲା। ଲୋକେ ଚିନ୍ତା କଲେ, ଧ୍ୟାନ କଲେ। ସୁଖର ସନ୍ଧାନରେ ବାହାରିଲେ। ଧର୍ମଧାରଣା ସୃଷ୍ଟି ହେଲା। ଔପଚାରିକତାର ବନ୍ଧନରେ ବାନ୍ଧି ହୋଇଯିବା ପାଇଁ ଧର୍ମ ନୁହେଁ, ଜୀବନର ଉତ୍ତରଣ ପାଇଁ ଧର୍ମ। ଜୀବନର ରସାୟନକୁ ବୁଝିବାକୁ ହେବ। ଦୁଃଖ ହୃଦୟରେ ବେଦନା ଦିଏ। ସଂବେଦନା ସୃଷ୍ଟି କରେ। ଦୁଃଖର ପାହାଡ଼ ଭିତରେ ସୁଖର ଝରଣା ଛପି ରହିଥାଏ। ସୁଖ ଏକ ଅନ୍ତଃସ୍ରୋତ। ଏହାର ଉତ୍ସ ରହିଛି ଆପଣାର ଅନ୍ତର ଭିତରେ। ସୁଖର ସମ୍ବନ୍ଧ ବାହାର ଜଗତରେ ନାହିଁ। ଅଛି ନିଜର ଜୀବନବୋଧରେ। ଦୁଃଖକୁ ଭେଦିବାର କଳା ଓ କୌଶଳରେ ସୁଖପ୍ରାପ୍ତି ସମ୍ଭବ। ମାତ୍ର ଆମ ଭିତରୁ ଅନେକ ଧରି ନିଅନ୍ତି ଯେ ଦୁଃଖ ହିଁ ଆମ ଭାଗ୍ୟରେ ଥିଲା। ପୂର୍ବଜନ୍ମର କର୍ମଫଳ। ବାସ୍, କଥା ଶେଷ। ଦୁଃଖକୁ ନିଜର ଭାଗ୍ୟଫଳ ବୋଲି ଗ୍ରହଣ କରିନେଲେ ଆଉ ରହିଲା କ'ଣ? କେବଳ ଦୁଃଖ ହିଁ ଦୁଃଖ। ଦୁଃଖର ଭାବ ଓ ଭାବନାରେ ବ୍ୟତିବ୍ୟସ୍ତ ଜୀବନ। ଆଉ କେହି କହନ୍ତି, ମୋ ପାଖରେ ଧନ ନଥିବାରୁ ମୁଁ ଦୁଃଖୀ। ଦାରିଦ୍ର୍ୟ ହିଁ ମୋ ଦୁଃଖର କାରଣ। କେହି ସୁନ୍ଦରୀ ପତ୍ନୀଟିଏ ପାଇଲେ ସୁଖୀ ହେବ ବୋଲି କହନ୍ତି। ଆଉ କେହି ପଦ-ପଦବୀ କ୍ଷମତା, ପ୍ରତିପତ୍ତିକୁ ସୁଖର ଆଧାର ରୂପେ ବିଚାର କରନ୍ତି। ବାସ୍ ଏ ସଂସାରରେ ଥିବା କୋଟିପତି, ସୁନ୍ଦରୀଙ୍କ ପତି, କ୍ଷମତାର ଶୀର୍ଷାସନରେ ଥିବା ରାଜ୍ୟର ଅଧିପତିମାନଙ୍କୁ ଯାଇ ପଚାରନ୍ତୁ, ସତରେ କ'ଣ ସେମାନେ ସୁଖୀ?

ସୁତରାଂ ସୁଖ ବହିଃଜଗତର କଥା ନୁହେଁ। ବାହ୍ୟଧନ ସମ୍ପଦ କ୍ଷମତା, ଐଶ୍ୱର୍ଯ୍ୟ ପ୍ରାପ୍ତିରେ ନଥାଏ ସୁଖ। ବାହାରେ କେବଳ ଦୁଃଖ ହିଁ ଥାଏ। ମାତ୍ର ଭିତରେ ଯାହା ଥାଏ, ଭିତରେ ଯେଉଁ ଅନ୍ତଃସ୍ରୋତ ଥାଏ ତାହା ହିଁ ସୁଖ। ମାତ୍ର ଆମେ ତାକୁ ବହିବାକୁ ଦେଉନା। ନିବୁଜ କରିଦେଉ ତାର ଦ୍ୱାର। ଶୁଖିଯାଏ ସୁଖର ଧାର। ଦୁଃଖକୁ ହିଁ ଜୀବନର ଧାରା ଭାବରେ ଗ୍ରହଣ କରିନେଉ। ଫଳରେ ଏକପ୍ରକାର ଖାଲିପଣ ଓ ଶୂନ୍ୟତା ଆମକୁ ଆବୋରି ବସେ। ଫୁଲ ଫୁଟିବା, ପକ୍ଷୀ ଗୀତ ଗାଇବା, ଆକାଶରେ ତାରା ଝଟକିବା, ନଈଟିଏ ବହିଯିବାର ଦୃଶ୍ୟ ଭିତରେ ଯେ ସୃଷ୍ଟିର ଅନନ୍ତ ଶକ୍ତି ଓ ସୁଖ ନିହିତ ରହିଛି, ଆମେ ତାର ଉପଲବ୍ଧି କରିପାରୁନା।

ହଁ, ଏ ସଂସାରରେ ଅବା ଆମ ଜୀବନରେ ଦୁଃଖ ଅବଶ୍ୟ ରହିଛି। ମାତ୍ର ଦୁଃଖ ଅଛି ବୋଲି ତାର ଡେଙ୍ଗୁରା ପିଟିବା ନାହିଁ। ସାମାନ୍ୟ କୌଣସି ବିଫଳତାରେ ଜୀବନ ବ୍ୟର୍ଥ ହୋଇଗଲା ବୋଲି ମଥା କୋଡ଼ିବା ନାହିଁ। କାହାରି ଆଗରେ ଆମ ଦୁଃଖର ଚମ୍ପୂ ଗାଇବା ନାହିଁ। ଆମ ଦୁଃଖ ପାଇଁ ଅନ୍ୟର ସହାନୁଭୂତି ଭିକ୍ଷା କରିବା ନାହିଁ। ଦୁଃଖକୁ ଚୁପ୍‌ଚାପ୍ ତା ବାଟରେ ଯିବାକୁ ଦେବା ଦୁଃଖକୁ ବିସର୍ଜନ ଦେଇ ସୁଖର ଆବାହନ କରିବା।

ଓମର ଖାୟାମଙ୍କର ଗୋଟିଏ ଗୀତ ଅଛି। ସେଇ ଗୀତରେ ସେ କହୁଛନ୍ତି- ମୁଁ ପଣ୍ଡିତମାନଙ୍କୁ ପଚାରିଲି, ମୌଲବୀମାନଙ୍କୁ ପଚାରିଲି। ଆଚାର୍ଯ୍ୟ-ଜ୍ଞାନୀମାନଙ୍କୁ ପଚାରିଲି ମଣିଷ ଏତେ ଦୁଃଖ ଭିତରେ ବଂଚୁଛି କିପରି? ମାତ୍ର ସେମାନଙ୍କ ମଧ୍ୟରୁ କେହି କିଛି ଉତ୍ତର ଦେଲେ ନାହିଁ। ମୋର ପ୍ରଶ୍ନ ସେହିଭଳି ପ୍ରଶ୍ନ ହୋଇ ରହିଗଲା। ପୁଣି ମୋର ବିଚଳିତ ମନ ନେଇ ଦିନେ ପ୍ରଶ୍ନ କଲି ଆକାଶକୁ- ହେ ଆକାଶ! ତୁ ତ ସବୁ ଦେଖୁଛୁ। କୋଟି କୋଟି ଲୋକଙ୍କ ଜୀବନ, ସେମାନଙ୍କ ଆଶା, ସ୍ୱପ୍ନ, ଇଚ୍ଛାର ଇନ୍ଦ୍ରଧନୁ ପୁଣି ସେ ସ୍ୱପ୍ନଭଂଗ, ହତାଶା- ସବୁ ତ ଦେଖିଛୁ। ଦେଖି ଚାଲିଛୁ ଅନନ୍ତକାଳ ଧରି। ତାହେଲେ ମୋତେ କହି ଦେ- ମଣିଷ ବଂଚୁଛି କିପରି? ଆକାଶ ମୋତେ କହିଲା- 'ଆଶା'ରେ। ଆଶା ସାହାଯ୍ୟରେ। ମଣିଷ ଜୀବନର ସୂତ୍ର ହେଉଛି ଆଶା। ଆଜି ନହେଲେ କାଲି, କାଲି ନହେଲେ ତା' ପରଦିନ। ଆଶାରେ ବଂଚିବା। ସୁଖର ସ୍ୱପ୍ନରେ ବଂଚିବା। ସ୍ୱପ୍ନ ସତ ନହୋଇପାରେ। ମାତ୍ର ସ୍ୱପ୍ନରେ ସ୍ୱପ୍ନରେ ଜୀବନ ଜୀଇଁ ପାରିବା ତ!

ଜୀବନ ଆମ ପାଇଁ ଅନ୍ତହୀନ ଆଶାର ଉଜ୍ଜଳ ରେଖା ହୋଇ ପ୍ରତିଭାତ ହେବ-ଏଇ ବିଶ୍ୱାସ ନେଇ ବାଟ ଚାଲିବା। ଦୁଃଖକୁ ସିଢ଼ି କରି ଆମେ ସୁଖ ସନ୍ଧାନରେ ଆଗକୁ ବଢ଼ିବା। ଏ ଜୀବନ ଉଭୟ ଦୁଃଖ ଓ ସୁଖର। (ସମାପ୍ତ)

+ ପ୍ଲଟ ନଂ- ୧୯୯, କଂସାରୀଝର
ନିକଟ, ୟୁନିଟ-୬, ଭୁବନେଶ୍ୱର
(ମୋ) ୮୭୬୩୨୩୬୨୧୨

॥ ଶରଣଦାତା ॥



ସଚ୍ଚିଦାନନ୍ଦ ହିରାନନ୍ଦ
ବାତ୍ସାୟନ ଅଜ୍ଞେୟ
(୧୯୧୧-୧୯୮୭)

ଯୁକ୍ତତିନି ବେଳେ ଏମ୍ ଆଇ ଏଲ୍ ରେ ଥିଲା ପ୍ରଖ୍ୟାତ ହିନ୍ଦୀ ଲେଖକ ଅଜ୍ଞେୟଙ୍କର ଦେଶ ବିଭାଜନ ଉପରେ ଆଧାରିତ କ୍ଷୁଦ୍ରଗଳ୍ପ 'ଶରଣଦାତା' । ସେତେବେଳେ ଗଳ୍ପଟିକୁ ଭେଟିଥିଲି ଜଣେ ଛାତ୍ର ଭାବରେ । ଲକ୍ଷ୍ୟ ଥିଲା ପରୀକ୍ଷକଙ୍କ ପାଖରୁ ଅଧିକରୁ ଅଧିକ ମାର୍କ ହାତେଇବାର । କିନ୍ତୁ ଏତେ କରୁଣ ସେ କାହାଣୀ, ଯାହାକୁ ମୁଁ ଆଜିଯାଏ ଭୁଲି ପାରି ନାହିଁ । ଏଇ କିଛିଦିନ ପୂର୍ବେ କାହାଣୀଟିକୁ ଆଉଥରେ ପଢ଼ିଲା ବେଳେ ଢେର ଲୁହ ବୋହିଯାଏ ଆଖିରୁ । ଶେଷ ପୂର୍ଣ୍ଣଚ୍ଛେଦ ପାଖରେ ଅଟକିଯାଏ । ପୂର୍ବରୁ ତ ଏଇଠି ଅଟକି ନଥିଲି । ତେବେ ଏତେବର୍ଷ ପରେ କେମିତି ଅଟକି ଗଲି ଯେ ?

ଲାହୋର ସ୍ଥିତ ମୋଜଙ୍ଗ ବସ୍ତିରେ ଦେବିନ୍ଦରଲାଲ ଆଉ ରଫିକୁଦ୍ଦିନ୍‌ଙ୍କ ପରିବାର ଥାଆନ୍ତି ପଡ଼ୋଶୀ । ଦୁହିଁଙ୍କ ଭିତରେ ବାଲ୍ୟକାଳରୁ ବନ୍ଧୁତା । ଧର୍ମ କେବେ ବନ୍ଧବାଡ଼ ଠିଆ କରିବାରେ ସମର୍ଥ ହୋଇ ପାରିନି । କିନ୍ତୁ ହଠାତ୍ ଲାହୋରର ପରିସ୍ଥିତି ଖୁବ୍ ଭୟାବହ ହୋଇପଡ଼େ ଏଇ ପାକିସ୍ଥାନ ନିର୍ମାଣର ଦାବିକୁ ନେଇ । ଚାରିଆଡ଼େ ହାଣ୍‌କାଟ୍ ଜଳାପୋଡ଼ା । ଲୋକଙ୍କ ଉପରେ ଯେମିତି ଏକପ୍ରକାରର ଭୂତ ସବାର ହୋଇ ଯାଇଥାଏ । ମୋଜଙ୍ଗ ମୁସଲ୍‌ମାନ ବହୁଳ ଇଲାକା ହୋଇଥିବାରୁ ସେଠିକାର ହିନ୍ଦୁ ପରିବାରମାନେ ସମୟ ସୁଯୋଗ ଦେଖି ଘରେ ଚାବି ପକାଇ ପରିସ୍ଥିତି ସୁଧୁରିବା ଯାଏ ଚାଲିଯାଉଥାନ୍ତି କୌଣସି ସୁରକ୍ଷିତ ସ୍ଥାନକୁ । ଦୁଇ ବନ୍ଧୁ ପ୍ରତିଦିନ ସନ୍ଧ୍ୟାରେ ବସି ସେସବୁ ବିଷୟରେ ଆଳାପ ଆଲୋଚନା କରିବା ସହ ଗଭୀର ଦୁଃଖ ପ୍ରକାଶ କରୁଥାନ୍ତି ପରିବର୍ତ୍ତିତ ପରିସ୍ଥିତି ଲାଗି । ହେଲେ ଯେଉଁଦିନ ଗମ୍ଭୀର ତଥା ଭଙ୍ଗା ଭଙ୍ଗା ସ୍ୱରରେ ଦେବିନ୍ଦର୍ କହନ୍ତି ସେ ଘରଛାଡ଼ି ଚାଲିଯିବା କଥା ଚିନ୍ତା କରୁଛନ୍ତି ବୋଲି ସେତେବେଳେ ରଫିକ୍‌ଙ୍କ ଛାତିରେ ଖୁବ୍ ଶକ୍ତ ଆଘାତ୍ ଲାଗେ । ଗଭୀର ଭାବରେ ମର୍ମାହତ ହୋଇ କହି ପକାନ୍ତି, "ଦେବିନ୍ଦର୍‌ଲାଲ୍ ଜୀ, ଆପ୍ ଭୀ !" ବନ୍ଧୁଙ୍କ ମନୋବଳ ଦୃଢ଼ କରିବାକୁ ଯାଇ ସବୁପ୍ରକାର ସାହାଯ୍ୟର ଆଶ୍ୱାସନା ଦିଅନ୍ତି । ଛୁଆପିଲାଙ୍କୁ ନେଇ ପତ୍ନୀ ଜଳନ୍ଧର ଯାଇଥାନ୍ତି ତାଙ୍କ ପିତ୍ରାଳୟକୁ । ପରିସ୍ଥିତିର ଗମ୍ଭୀରତା ଦର୍ଶାଇ ତାଙ୍କୁ ସେଠାରେ ଆଉ କିଛିଦିନ ରହିଯିବାକୁ ପତ୍ର ମାଧ୍ୟମରେ ସୂଚିତ କରିଦିଆହୁଏ । ଦେବିନ୍ଦର ନିଜ ଘରେ ରହନ୍ତି ପାହାଡ଼ିଆ ଚାକର 'ସନ୍ତୁ' ସହିତ । ହେଲେ ଦିନ ଚାରିଟା ଯାଇଛି କି ନାହିଁ ଭୋର ସକାଳୁ ନିଦ ଭାଙ୍ଗିଲା ବେଳକୁ ସନ୍ତୁ କୁଆଡ଼େ ଗାୟବ । ନିଜ ହାତରେ ଚା' ବନେଇ ପିଇବା ସହ ମାଜିବା ପାଇଁ ବାସନ ଉଠାଇଲା ବେଳେ ରଫିକ୍ ଆସି ସହରରେ ଭୀଷଣ ଦଙ୍ଗା ବ୍ୟାପି ଯାଇଥିବାର ଖବର ଦେବା ସହ କିଛି ଅତ୍ୟାବଶ୍ୟକୀୟ ଜିନିଷ ସହ ବନ୍ଧୁଙ୍କୁ ତାଙ୍କ ଘରକୁ ନେଇଯାଆନ୍ତି । ସେଇଦିନ ସନ୍ଧ୍ୟାରେହିଁ ମୋଜଙ୍ଗରେ ଆରମ୍ଭ ହୋଇଯାଏ ଦଙ୍ଗା । ଆଖି ସାମ୍ନାରେ ଘରର ତାଲା ଭାଙ୍ଗି ସବୁକିଛି ଲୁଟି ନିଆଯିବା ପରେ ଲଗାଇ ଦିଆହୁଏ ନିଆଁ । କିଛିକ୍ଷଣ ମଧ୍ୟରେ ପୂର୍ବପୁରୁଷଙ୍କ ଘରଟି ଜଳି ପାଉଁଶ ହୋଇଯାଏ । ଏଣେ ବନ୍ଧୁଙ୍କ ଘରେ ଏକପ୍ରକାର ବନ୍ଦୀ ଜୀବନ । ଘରୁ ବାହାରିବା ମନା । ରଫିକ୍ ଯାହା ବାହାରୁ ଖବର ସଂଗ୍ରହ କରି ଆଲୋଚନା କରନ୍ତି ବନ୍ଧୁଙ୍କ ସହିତ । ହେଲେ କିଛିଦିନ ପରେ ଉଦାସ ରହିବାକୁ ଲାଗନ୍ତି ରଫିକ୍ । କାରଣ - ଲାହୋରର ଜଣେ ପ୍ରତିଷ୍ଠିତ ହିନ୍ଦୁ ଡାକ୍ତରଙ୍କୁ କିଛି ମୁସଲ୍‌ମାନ୍ ଆସି ତାଙ୍କ ବସ୍ତିକୁ ଡାକି ନିଅନ୍ତି ରୋଗୀର ଚିକିତ୍ସା ଉଦ୍ଦେଶ୍ୟରେ । ସେ ମୁସଲମାନ୍ ବସ୍ତିରେ ଯାଇ ଚିକିତ୍ସା କରିବା ସହ ଲୋକଙ୍କୁ ବୁଝାଇଲେ କାଳେ ପରିସ୍ଥିତି ଟିକିଏ ସୁଧୁରି ପାରେ ବୋଲି ଆଶା ଥାଏ ସେମାନଙ୍କର । କିନ୍ତୁ ରୋଗୀ ଉପରେ ଝୁଙ୍କିପଡ଼ି ଷ୍ଟେଥୋସ୍କୋପ୍‌ରେ ଛାତି ପରୀକ୍ଷା କଲାବେଳେ ସେଇ ରୋଗୀଙ୍କର ଜଣେ ଆତ୍ମୀୟ ପଛପଟୁ ଆସି ପିଠିରେ ଛୁରି ଭୂଷିଦିଏ । ଅମୃତସର ପାଖରେ ଗୋଟିଏ ଗାଁରେ କେତେ ଶହ ମୁସଲମାନ୍‌ଙ୍କୁ ଶିଖ୍‌ମାନେ ଶରଣ ଦେଇଥାନ୍ତି । କିନ୍ତୁ ଆଖପାଖର ପରିସ୍ଥିତିରେ ଦ୍ରୁତ ପରିବର୍ତ୍ତନ ଲକ୍ଷ୍ୟ କରି କୌଣସି ଅପ୍

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୯ ଅଗଷ୍ଟ, ୨୦୨୧

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

ଆଉଜା କବାଟ (୪୬)

ଭାଷାର ଅସ୍ମିତା : ଆମ ପରିଚୟ(୨)

ଡ. ରାଧାରଂଜନ ପଟ୍ଟନାୟକ

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଆମେ ଯେମିତି ଆମର ସ୍ୱାଧୀନତାକୁ ଇଂରେଜ ହାତରୁ ଜୋରଜବରଦସ୍ତ ଛଡ଼ାଇନେଲୁ, ଠିକ୍ ସେହିପରି ଆମ ଭାଷା,ଶିକ୍ଷା ଏବଂ ସଂସ୍କୃତି ଉପରେ କଡା ପ୍ରହାର ଦେଉଥିବା ଇଂରାଜୀ ଭାଷାକୁ ମଧ୍ୟ ବାହାର କରିଦେବା ଆବଶ୍ୟକ। ମେକେଲ ନିଜ ହୋମ୍ ସେକ୍ରେଟାରୀକୁ ଲେଖିଥିବା ଏକ ପତ୍ରରେ କିଛି ପଂକ୍ତି ଏଠାରେ ଉଲ୍ଲେଖ କରିବା ପ୍ରାସଙ୍ଗିକ ହେବ। ଯେଉଁଥିରେ ସିଏ ଅତ୍ୟନ୍ତ ବିଶ୍ୱାସର ସହ କହିଥିଲେ, 'ମୁଁ କହିପାରିବିନି ଭାରତ ଦେଶ ରାଜନୀତି ରୂପରେ ଆପଣଙ୍କ ଅଧୀନରେ ରହିବ କି ନାହିଁ। ମାତ୍ର ଅବଶ୍ୟ ମୁଁ ଏତିକି କହି ଯାଉଛି, ଏ ଦେଶ ରାଜନୀତିକ ସ୍ୱତନ୍ତ୍ରତା ପ୍ରାପ୍ତି ପରେ ବି ଇଂରାଜୀ ମାନସିକତା, ଇଂରାଜୀ ସଭ୍ୟତା ଏବଂ ଇଂରାଜୀ ଭାଷା ପ୍ରଭାବରୁ ମୁକ୍ତ ହୋଇ ପାରିବ ନାହିଁ।' ତାଙ୍କର ଏହି କଥନ ଅକ୍ଷରେ ଅକ୍ଷରେ ସତ୍ୟସିଦ୍ଧ ହେବାକୁ ଲାଗିଛି। ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ଆମେ ଇଂରାଜୀ ଭାଷାରୁ ମୁକ୍ତ ହୋଇ ପାରିନାହୁଁ।

ଭାରତ ତଥା ଆମ ରାଜ୍ୟର ହଜାଇଥିବା ଗୌରବ ସେତିକି ବେଳେ ପ୍ରାପ୍ତ ହୋଇ ପାରିବ, ଯେତେବେଳେ ପ୍ରତ୍ୟେକ ପଢ଼ାଲେଖା ବ୍ୟକ୍ତି ନିଜ କାର୍ଯ୍ୟ, ଚିନ୍ତନ, ମନନ ଏବଂ ପରସ୍ପର ଭାବ ଆଦାନପ୍ରଦାନ କେବଳ ନିଜ ମାତୃଭାଷା ହିଁ ସମ୍ଭବ ହେବ। ଏଇଠି ହିଁ ଆମେ ଓଡ଼ିଆ ଭାଷା ଅସ୍ମିତାର ପରିଚୟ ମିଳିବ। ମା'ର ଭାଷା ହେବ ବୋଧଶକ୍ତର ଭାଷା ଏ ଜାତି ଏ ସଭ୍ୟତାର ବିକାଶ ହେବ ମାତୃଭାଷାର ଚିରନ୍ତନ ମୂଲ୍ୟବୋଧରେ। ଏ ଦାୟିତ୍ୱ ଆମ ସମସ୍ତଙ୍କର।

ସମ୍ଭବତଃ ଇଂରାଜୀ ଭାଷା ପ୍ରତି ଅହେତୁକ ଅନୁଚିତ ମୋହ ଗୁଲାମୀ ମାନସିକତା ଅପେକ୍ଷା ଅଜଣା ମାନସିକତା ଭାଷା ପ୍ରତି କୁଠାରଘାତ। ଆଜି ବ୍ୟକ୍ତିର ଆଚରଣରେ ସଭ୍ୟତାର ନଷ୍ଟ ହେବାରେ ଲାଗିଛି। ପ୍ରତ୍ୟକ ବସ୍ତୁର ବଜାରୀକରଣ ହେବାକୁ ଯାଉଛି। ବିଶ୍ୱବଜାରୀକଣରେ ସବୁକିଛି ତିଆରି ହୋଇ ବିକ୍ରି ହେବ। ମାତ୍ର ଭାଷା ନୁହେଁ। ଭାଷାକୁ ବଜାରର ଷ୍ଟିକରମରା ସେଓ ପରି ବିକ୍ରି କରାଯାଇପାରିବ ନାହିଁ। ମାତ୍ର ବିବିଧ ବସ୍ତୁର ଚାପରେ ମଣିଷ ନିଜର ସ୍ୱରୂପକୁ ବିକୃତ କରିବାରେ ଲାଗିଛି। ଯେତେବେଳ ବସ୍ତୁ ଉପରେ ଜୀବନ ସମ୍ପୂର୍ଣ୍ଣ ନିର୍ଭର କରିବ ଏବଂ ଆଚରଣ ସଭ୍ୟତା ଉପରେ ଅଧିକ ଓଜନଦାର ହେବ ଠିକ୍ ସେତିକି ବେଳେ ନିଜ ଭାଷା ଏବଂ ସଂସ୍କୃତି ଜୀବନର ମୂଲ୍ୟଗତ ସମୃଦ୍ଧି କିପରି ବୃଦ୍ଧି ପାଇବ, ତାହା ଆଜିର ଚିନ୍ତାର କାରଣ। ଜୀବନ ସମ୍ପୂର୍ଣ୍ଣ ରୂପେ ବସ୍ତୁକୈନ୍ଦ୍ରିକ ହୋଇ ଗଲେ ବାହାର ରୂପ କେବଳ ସଜାଇ ହେବ ସିନା, ଆତ୍ମିକ ରୂପରେ ପୂର୍ଣ୍ଣତା ଆସିବ ନାହିଁ। ଅପମିଶ୍ରଣ ଏବଂ ନକଲି ବସ୍ତୁର ପ୍ରଭାବରେ ଭାଷାବି ନକଲି ହେଇଯିବ। ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟରେ ପଢୁଥିବା ଛାତ୍ରଙ୍କଠାରୁ ଆରମ୍ଭ କରି ସାଧାରଣ ମଣିଷବି ସହଜ ଏବଂ ସାଧାରଣ କଥାବାର୍ତ୍ତାରେ ଇଂରେଜୀ ଶବ୍ଦ ଅବାଧରେ ଉଚ୍ଚାରଣ କରିବ। ଏଭଳି ଏକ ବିକଳ ଭବିଷ୍ୟତ ପରେ କେହି ଯତ୍ନବାନ ହେଉ ନାହାଁନ୍ତି। ଏହାକୁ ମଧ୍ୟ ଇଂରାଜୀ ରୂପୀ ଆତଙ୍କବାଦୀର ପ୍ରବେଶ କୁହାଯାଇପାରେ। ଆମେ ଆମର ଭାଷା ଆଚରଣ ଏବଂ ସଂସ୍କାର ସମ୍ପର୍କରେ ସମ୍ପୂର୍ଣ୍ଣ ଦାୟିତ୍ୱହୀନ। ଫଳରେ ଆମ ପରିଚୟ ଆମ ଅସ୍ମିତା କ୍ରମଶଃ ଧ୍ୱଂସ ହେବାରେ ଲାଗିଛି।

ପିତାମାତା ମାନେ ପ୍ରାରମ୍ଭରୁ ହିଁ ତାଙ୍କ ପିଲାମାନଙ୍କୁ ଶିଖାଇ ଥାଆନ୍ତି ଅଙ୍କଲଙ୍କୁ ଗୁଡ୍ ମର୍ଣ୍ଣିଂ କର, ଟାଟା କର। ଯେଉଁ ଶବ୍ଦ ପ୍ରଣାମକୁ ବୁଝାଏ ତାହା ନକହି ଏପରି ଉପଦେଶ ଦେବା ଦ୍ୱାରା ଭାଷା ପ୍ରତି ଆତ୍ମିକ ଆବେଗ ଆସେ ନାହିଁ। ଫଳରେ ଓଡ଼ିଆ ଭାଷା ପ୍ରତି ଆମେ ସଉତୁଣୀର ବ୍ୟବହାର କରୁ। ଇଂରାଜୀ ଭାଷା ଶିଖିବାର ମନା ନାହିଁ, ମାତ୍ର ଏହାକୁ ଗଳାର ଜପାମାଳି କରାନଯାଉ। ଯେଉଁ ଜାତି ତା'ର ମାତୃଭାଷା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି, ସେ ଜାତି ସେତିକି ଉନ୍ନତ ତଥା ବିକାଶଶୀଳ।

ଓଡ଼ିଆ ଭାଷା ବିକାଶ ପାଇଁ ଅନେକ ବ୍ୟକ୍ତି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ବ୍ୟାନରଟିଏ ଝୁଲାଇ ଦେଇ କବିତା ଚର୍ଚ୍ଚା, କବିତାପାଠ ଭଳି କାର୍ଯ୍ୟକ୍ରମ ହାତକୁ ନେଇ ଓଡ଼ିଆ ଭାଷା ବିକାଶର ସ୍ୱପ୍ନ ଦେଖୁଛନ୍ତି। କାରଣ ଏହାର ପ୍ରଚ୍ଛଦରେ ନିଜକୁ ପରିଚିତ କରିବା ପାଇଁ ଏକ ପ୍ଲାଟ୍‌ଫର୍ମର ପରିକଳ୍ପନା ମାତ୍ର। ଯେଉଁମାନେ ଏଭଳି କାର୍ଯ୍ୟକ୍ରମ କରୁଛନ୍ତି ସେମାନଙ୍କର ସନ୍ତାନମାନେ ଓଡ଼ିଆ ଭାଷାଠାରୁ ବହୁତ ଦୂରରେ। ଇଂରାଜୀ ମାଧ୍ୟମରେ ସେମାନଙ୍କର ସନ୍ତାନକୁ ପାଠ ପଢ଼ାଇବା ଏବଂ ଅନ୍ୟମାନଙ୍କୁ ଓଡ଼ିଆ ଭାଷାରେ ପଢ଼ିବା ପାଇଁ ପରାମର୍ଶ ଦେବା 'ଗାଲୁପେଲା' ନୀତି କୁହାଯାଇପାରେ।

ଆଜି ପ୍ରତିଟି ସାହିତ୍ୟିକ ନିଜ ନିଜର ପ୍ରତିଷ୍ଠା ପାଇଁ ବେଶ କସରତ କରୁଛନ୍ତି। ଛଳରେ ହେଉ କିମ୍ବା କୌଶଳରେ, ତେଲମାଲିସରେ ହେଉଁ କିମ୍ବା ମାମଲତକାରରେ। ଏଥିପାଇଁ ସେମାନେ ଭାଷା ଏବଂ ସାହିତ୍ୟକୁ ନିଜ କବ୍‌ଜା ଆଣିବାରେ ବେଶ୍ ଧୂରନ୍ଧର। ଓଡ଼ିଆ ଭାଷା ଓ ସାହିତ୍ୟର ଏମିତି ଘୋଡା ବେପାର ହେଉଛି ଯେ, ଏହାର ଭବିଷ୍ୟତ ଆମ ସାମ୍ନାରେ ଜଳଜଳ ଦେଖା ଯାଉଛି। କେବଳ ବ୍ୟକ୍ତି କୈନ୍ଦ୍ରୀକ ଭାବନାର ଉତ୍ତରଣ ପାଇଁ ପ୍ରତ୍ୟେକ ଭାଷାର ବରଯାତ୍ରୀ ସାଜୁଛନ୍ତି। ଏଠି ମର୍ଦ୍ଦ ନାଚୁଛି ନାଚୁଛି ତିଲ୍ଲା। ଏହି ନାଚ ଭିତରେ ସାହିତ୍ୟର ରୋମାନ୍ସ ଚାଲିଛି। ସେଥିରେ ନା ଅଛି ଭାଷାର ଶୁଦ୍ଧତା ନା ଅଛି ଅଭିବ୍ୟକ୍ତିର ସ୍ପଷ୍ଟତା।

ଉଧାର କରା ଶବ୍ଦ, ଉଧାର କରା ଶୈଳୀକୁ ନେଇ ଆମେ ମନ୍ତ୍ରପାଠ ସହ ମୋବାଇଲରେ ହ୍ୱାଟ୍‌ସଅପ୍, ମେସେଞ୍ଜର ଆଦି ଡିଜିଟାଲ ପ୍ରଣାଳୀରେ ରାତି ଅଧିଆ ପତ୍ର ପତ୍ରିକାର ସମ୍ପାଦକ/ସମ୍ପାଦିକାମାନଙ୍କ ସହ ପ୍ରେମାଳପ କରୁଛୁ। ରାତି ପାହିଲା ବେଳକୁ ଲେଖାଲେଖିର ଧାର ନଥିବା ବ୍ୟକ୍ତି ବିଶେଷର କବିତା, ଗଳ୍ପ ଆଦି ବଡ଼ ବଡ଼ କ୍ୟାପସନରେ ଛପା ଯାଉଛି। ଅବଶ୍ୟ ଏଥିରେ ଅନେକ ଭାଷା ଦଲାଲ କାମ କରୁଛନ୍ତି। ଏଭଳିସ୍ଥଳେ ଜଣେ ସ୍ୱାଭିମାନ ଲେଖକ ବଞ୍ଚିବ କେମିତି ? ତା' ଆଖି ସାମ୍ନାରେ କବିତାର ଅ-ଆ ଜାଣିନଥିବା ବ୍ୟକ୍ତି ଅନେକ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ ହେଉଛନ୍ତି ଏବଂ ସାହିତ୍ୟ ଏକାଡେମୀରୁ ମାନପତ୍ର ପାଉଛନ୍ତି। ଏହା କ'ଣ ଆମ ଭାଷା ବିକାଶର ମୂଳ ଲକ୍ଷ୍ୟ।

ଏଥିପ୍ରତି ସଭିଏଁ କାନ୍ଦୁଛନ୍ତି ହେଲେ କାହାରି ଆଖିରୁ ଲୁହ ଗଡୁ ନାହିଁ। ଏହାର ଭରପୁର ସୁଯୋଗ ନେଉଛନ୍ତି ଇଂରେଜୀ ମନସ୍କ କିଛି ମାଫିଆ। ଓଡ଼ିଆ ସାହିତ୍ୟକୁ ଗାଣ୍ଠିଚକଟି ଖିଚୁଡି କରିଦେଲେଣି। ଆଉ କିଛି ଦିନ ପରେ ଆମକୁ ହାତ ଟେକିଦେବାକୁ ପଡିବ। ସୁତରାଂ ଆଜି ପୁଣି ସମୟ ଆସିଛି ଓଡ଼ିଆ ଭାଷା ସାହିତ୍ୟକୁ ଉଚିତ୍ ମାର୍ଗରେ ନେବା ପାଇଁ। ଯେଉଁମାନେ ନିଜ ସମ୍ମାନକୁ ଜଗି ବସିଛନ୍ତି, ସେମାନେ କାଦୁଅକୁ ଯିବେ ନାହିଁ କି ଗୋଡ଼ ଧୋଇବେ ନାହିଁ ନୀତି ଅବଲମ୍ବନ କରୁଛନ୍ତି। ମାତ୍ର ସେମାନଙ୍କୁ ଗୋଡ଼ କାଢ଼ିବାକୁ ପଡ଼ିବ। ମୈଦାନକୁ ଓହ୍ଲାଇବାକୁ ପଡ଼ିବ। ଗୋଟେ ପ୍ରାଚୀନ ଓଡ଼ିଆ ଭାଷା ଓ ସାହିତ୍ୟକୁ ପୁଣି ଗଙ୍ଗାର ପବିତ୍ର ଧାରା ପରି ପବିତ୍ର କରିବାକୁ ପଡ଼ିବ। ତା' ନହେଲେ ବିଶ୍ୱ ଭାଷା ସାହିତ୍ୟର ଇତିହାସର ନୂଆ ଅଧ୍ୟାୟ ସୃଷ୍ଟି କରିବାର ମର୍ଯ୍ୟାଦା ହରାଇ ପସିବା। ଗୋଟିଏ ଶାସ୍ତ୍ରୀୟ ମାନ୍ୟତା ପାଇଥିବା ଓଡ଼ିଆଭାଷାବଲମ୍ବୀ ବ୍ୟକ୍ତିମାନେ ପୁଣି ନିଜ ଗୋଡ଼କୁ ନିଜେ ହାଣିବେ। ପରିଚୟ ହରାଇବେ। ଭାଷା ସାହିତ୍ୟ ସାମ୍ରାଜ୍ୟରୁ ଅଣ୍ଡରଗ୍ରାଉଣ୍ଡ ଡନ୍‌ମାନଙ୍କୁ ନିପାତ କରି ଏକ ସୁସ୍ଥ ସାହିତ୍ୟସଂହିତାକୁ ଆପଣାଇବାକୁ ପଡ଼ିବ। ତେବେ ଯାଇ ଆମ ଭାଷାର ଉଲ୍ଲେଖନୀୟ ପ୍ରଗତୀ ହେବ। ପ୍ରକୃତ ମଗ୍ନ ସାହିତ୍ୟିକଟିଏ ଭାଷା ଦରବାରରେ ତା'ର ଗାରିବାମୟ ପ୍ରତିଭା ପ୍ରତିଷ୍ଠା କରିପାରିବ। ତେବେ ଆସନ୍ତୁ, ଆମ ଭାଷା ଓ ସାହିତ୍ୟ ପାଇଁ ଏକ ନିର୍ଭେଜାଲ ହୃଦୟରେ କାମ କରିବା ଏବଂ ପୂର୍ବସୂରୀମାନଙ୍କର ଉପଯୁକ୍ତ ଦାୟଦ ଭାବେ ପୁଣିଥରେ ଆମର ଗୌରବମୟ ଭାଷକୁ ସୁରକ୍ଷାର କବଚ ପିନ୍ଧାଇ ପାରିବା ଫଳରେ ଭାଷା ଉପରେ ଆସୁଥିବା ଆସନ୍ନ ସଂକଟକୁ ଦୂରେଇ ଦେଇପାରିବା। (ସମାପ୍ତ)

କାଦ୍ରାବାଦ, ସୁନହଟ, ବାଲେଶ୍ୱର, ମୋ. ୯୪୩୮୨୯୦୦୭୨

ସ୍ମୃତିଶତଦଳ



(ଆଖି ଦେଖିଲା ସେ ବିରଳ ନାଗାର୍ଜୁନ ବେଶ-୨)

ଡା. ସରୋଜିନୀ ଷଡଙ୍ଗୀ
ଲିଙ୍କ୍‌ରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ବିରଳ ନାଗାର୍ଜୁନ ବେଶ ଖୁବ୍ ଚିତ୍ତାକର୍ଷକ, ଯେଉଁ ବେଶକୁ ଥରେ ଦର୍ଶନ କଲେ ସାରା ଜୀବନ ପାଇଁ ଭୁଲି ହୁଏ ନାହିଁ। ଆମର ସୌଭାଗ୍ୟ ୧୯୯୫ ମସିହାରେ ପ୍ରଭୁ ଆମକୁ ନାଗାର୍ଜୁନ ବେଶ ସଂଦର୍ଶନର ସୌଭାଗ୍ୟ ଦେଇଥିଲେ । ସେ ବେଶର ବର୍ଣ୍ଣନା ଅତି ରୋମାଂଚକର ମଧ୍ୟ ।

ନାଗାର୍ଜୁନ ବେଶ : ଶ୍ରୀମନ୍ଦିର ରତ୍ନସିଂହାସନର ଶ୍ରୀବଳଭଦ୍ର ଓ ଶ୍ରୀଜଗନ୍ନାଥ ନାଗାର୍ଜୁନ ବେଶରେ ସଜ୍ଜିତ ହେଉଥିବା ବେଳେ ଶ୍ରୀ ସୁଭଦ୍ରା ଭୁବନେଶ୍ୱରୀ ଭାବେ ଅର୍ଥାତ୍ କିରୀଟ, ତଡ଼ଗି, ସ୍ୱର୍ଣ୍ଣ ଅଳଙ୍କାର ଇତ୍ୟାଦିରେ ମଣ୍ଡିତ ହୋଇଥାନ୍ତି । ପୁଷ୍ପାଳକ, ଚାଙ୍ଗଡ଼ା ମେକାପ, ଭଣ୍ଡାର ମେକାପ, ଗରାବଡୁ, ଖୁଣ୍ଟିଆ ପ୍ରମୁଖ ସେବକମାନଙ୍କ ସାହଚର୍ଯ୍ୟରେ ଏହି ଆକର୍ଷଣୀୟ ବେଶ ସମ୍ପନ୍ନ ହୋଇଥାଏ । ଏହା ଏକ ଯଜମାନୀ ବେଶ ହୋଇଥିବାରୁ ବେଶ ସମୟରେ ଦାତା ମଧ୍ୟ ସେଠାରେ ଉପସ୍ଥିତ ହୋଇଥାନ୍ତି ।

ନାଗାର୍ଜୁନ ବେଶରେ ମହାପ୍ରଭୁମାନେ ବାରଲାଗି ପାଟବସ୍ତ୍ର ଧାରଣ କରିବା ସମେତ ସୂତାବସ୍ତ୍ରର ଚୂଳ ଫୁଟା ଚୂଳରେ ଲାଗିଥାଏ । ଏହା ୨୮ ହାତ ଲମ୍ବା ଓ ମୁଠୁଣିଏ ଓସାର ବିଶିଷ୍ଟ ଅଟେ । ସେହିପରି ୮ ହଜାର ଲମ୍ବ ଓ ୩ ହଜାର ଓସାରରେ ନାଲି, କଳା, ନୀଳ ଓ ଧଳା ରଙ୍ଗର ସୂତା ବସ୍ତ୍ରକୁ ଗୁଡ଼ା ଯାଇ ବଳା ରୂପେ ମହାପ୍ରଭୁମାନଙ୍କ ଶ୍ରୀମୁଖର ଚାରିପାର୍ଶ୍ୱରେ ଲଗାଯାଇଥାଏ । ଏତଦ୍‌ବ୍ୟତୀତ ଭେଲଭେଟ୍ କନାରେ ନିର୍ମିତ ଜାମା ଠାକୁରଙ୍କ ଅଣ୍ଟାଠାରୁ ପିନ୍ଧାଇ ଦିଆଯାଇଥାଏ । ପୁଷ୍ପାଳକ ସେବକମାନେ ଏହି କାର୍ଯ୍ୟ କରିଥାନ୍ତି । ନାଗାର୍ଜୁନ ବେଶ ଏକ ସୋଲ, ଜରି, ଜୟୁରା ଇତ୍ୟାଦି ଉପକରଣରେ ପ୍ରସ୍ତୁତ ହୋଇଥିଲେ ହେଁ ଏଥିରେ କେତେକ ସ୍ୱର୍ଣ୍ଣ ଅଳଙ୍କାର ଲାଗିଥାଏ । ନାଗା ବେଶରେ ସଜ୍ଜିତ ଶ୍ରୀବଳଭଦ୍ର ଓ ଶ୍ରୀଜଗନ୍ନାଥଙ୍କୁ ସ୍ୱର୍ଣ୍ଣ ନିର୍ମିତ ଶ୍ରୀପୟର, ଶ୍ରୀଭୁଜ, ଓଡ଼ିଆଣି, ଚନ୍ଦ୍ରସୂର୍ଯ୍ୟ, ରାମାନୁଜ ଚିତା, ଘାଗଡ଼ା ମାଳି, ଅଳକା, ସୁନାକଣ୍ଠି, ପୋହଳାମାଳି, କଦମ୍ବ ମାଳି, ତାବିଜ ମାଳି, ସେବତୀ ମାଳି, ହରିଡ଼ା ବାହାଡ଼ା ମାଳି, ବାଘନଖି ମାଳି, ଶ୍ରୀହସ୍ତରେ ଶଙ୍ଖ, ଚକ୍ର, ହଳ, ମୂଷଳ ଇତ୍ୟାଦିରେ ଭୂଷିତ ହୋଇଥାନ୍ତି ।

ନାଗାର୍ଜୁନ ବେଶ ଏକ ବୀର ବେଶ ହୋଇଥିବାରୁ ଏଥିରେ ୧୬ ପ୍ରକାରର ଦିବ୍ୟ ଅସ୍ତ୍ରଶସ୍ତ୍ରରେ ମହାପ୍ରଭୁମାନେ ସଜ୍ଜିତ ହୋଇଥାନ୍ତି । ଠାକୁରମାନଙ୍କ ସ୍କନ୍ଦ ଦେଶର ପଛ ପାର୍ଶ୍ୱରେ ଖଞ୍ଜା ହୋଇଥିବା ଢେଣୁରେ ବିଭିନ୍ନ ଦିବ୍ୟ ଅସ୍ତ୍ର ତୀର, ବର୍ଚ୍ଛା, ତେଣ୍ଟା, ରଞ୍ଜକ ଦାନି ଇତ୍ୟାଦି ଖଞ୍ଜା ଯାଇଥାଏ । ସେହିପରି ବାହୁରେ ଏରାପକ୍ଷୀର ହଦା, ଅଣ୍ଟାରେ କମରପଟି, ଢାଲ, ବାଙ୍କଚୁରୀ, କଟାରୀ ଜଙ୍ଘରେ ଘଣ୍ଟି ରହିଥାଏ । ଶ୍ରୀପୟମାନଙ୍କରେ ଚମରୀ ଗାଈର ଲୋମରେ ପ୍ରସ୍ତୁତ ଫିଣା, ଶ୍ରୀମୁଖରେ ନିଶ, ଦାଢ଼ି, ମସ୍ତକରେ ରାମରଜ ତିଳକ, ଗଳାରେ ରୁଦ୍ରାକ୍ଷ ମାଳା ଇତ୍ୟାଦିରେ ଏହି ଅଭୂତପୂର୍ବ ବୀର ବେଶରେ ମହାପ୍ରଭୁମାନେ ସଜ୍ଜିତ ହୋଇଥାନ୍ତି । ଜନଶ୍ରୁତି ରହିଛି ଯେ, ପ୍ରଭୁଙ୍କୁ ଏହି ବେଶରେ ଦର୍ଶନ କଲେ ଶତ୍ରୁ ନାଶ ହୋଇଥାଏ । ଏହି ବେଶ ଥାଇ ମହାପ୍ରଭୁମାନଙ୍କ ଗୋପନ ବଲ୍ଲଭ, ସକାଳ ଧୂପ, ବାଳଧୂପ ଇତ୍ୟାଦି ନୀତି ଅନୁଷ୍ଠିତ ହୋଇଥାଏ ।

> ନାଗାର୍ଜୁନ ବେଶ ଏକ ବୀର ବେଶ ହୋଇଥିବାରୁ ଏଥିରେ ୧୬ ପ୍ରକାରର ଦିବ୍ୟ ଅସ୍ତ୍ରଶସ୍ତ୍ରରେ ମହାପ୍ରଭୁମାନେ ସଜ୍ଜିତ ହୋଇଥାନ୍ତି । ଠାକୁରମାନଙ୍କ ସ୍କନ୍ଦ ଦେଶର ପଛ ପାର୍ଶ୍ୱରେ ଖଞ୍ଜା ହୋଇଥିବା ଢେଣୁରେ ବିଭିନ୍ନ ଦିବ୍ୟ ଅସ୍ତ୍ର ତୀର, ବର୍ଚ୍ଛା, ତେଣ୍ଟା, ରଞ୍ଜକ ଦାନି ଇତ୍ୟାଦି ଖଞ୍ଜା ଯାଇଥାଏ । ସେହିପରି ବାହୁରେ ଏରାପକ୍ଷୀର ହଦା, ଅଣ୍ଟାରେ କମରପଟି, ଢାଲ, ବାଙ୍କଚୁରୀ, କଟାରୀ ଜଙ୍ଘରେ ଘଣ୍ଟି ରହିଥାଏ ।

ଏମିତି ଗୋଟିଏ ବିରଳ ବେଶର ସଂଯୋଗ ଘଟିଥିଲା ୧୯୯୫ ମସିହାରେ, କେଜାଣି କେତେ ବର୍ଷପରେ ଏ ନାଗାର୍ଜୁନ ବେଶର ଯୋଗ ପଡିଥାଏ। ସାରା ଓଡ଼ିଶା, ଓଡ଼ିଶା ବାହାରେ ଓ ବିଦେଶରେ ସେତେବେଳେ ଚହଳ ପଡିଯାଇଥିଲା। ପ୍ରଶାସନ ମଧ୍ୟ ସ୍ତବ୍ଧ ହୋଇ ଯାଇଥିଲେ କେମିତି ଏ ଅସମ୍ଭବ ଭିଡକୁ ସମ୍ଭାଳିବେ ବୋଲି। ଯାହା ମୁହଁରୁ ଶୁଣିବ ସେଇ ଗୋଟିଏ କଥା "ଭିଡ ହେଲେବି କେମିତି ପୁରୀ ଯାଇ ଥରଟିଏ ଏ ବେଶ ଦର୍ଶନ କରିବେ।"

ଭିଡକୁ ଭୀଷଣ ଡର ମୋ ସ୍ୱାମୀ ଡ଼ଃ ରମାରମଣ ଷଡ଼ଙ୍ଗୀଙ୍କର। ସେ ମୂଳରୁ ରୋକ୍‌ଠୋକ୍ ମନାକରିଦେଲେ ଯେ, ଏତେ ଭିଡରେ ସେ କେବେହେଲେ ଦର୍ଶନ କରିବାକୁ ଯାଇପାରିବେ ନାହିଁ, କାରଣ ସେ ଭିଡରେ ନିଃଶ୍ୱାସ ବନ୍ଦ ହୋଇଯିବ ଏବଂ ଦଳାଚକଟାରେ ଅନେକ ଲୋକ ଆହତ ହେବେ ବରଂ ଟେଲିଭିଜନରେ ସେ ଦୃଶ୍ୟ, ସେ ବେଶ ଦେଖିନେବା ଭଲ ହେବ। ସମ୍ବାଦପତ୍ର ଓ ଟେଲିଭିଜନ୍‌ରେ ଅହରହ ପ୍ରଚାର ଚାଲିଛି ଯେ, ପୁରୀରେ ଭିଷଣ ଭିଡ ହେବ ଏବଂ ଯାତ୍ରୀମାନେ ନିଜନିଜ ରିସ୍କରେ ଦର୍ଶନ କରିବେ। ତେଣୁ ମୁଁ ସାରାରାତି ପୁରୀ ଯିବାପାଇଁ ବୁଝାଇ ବୁଝାଇ ଥକିଗଲେ ବି ଡ଼ଃ ଷଡ଼ଙ୍ଗୀ ଆଦୌ ଯିବାକୁ ଇଚ୍ଛାପ୍ରକାଶ କଲେ ନାହିଁ। ଏତେ ବର୍ଷ ପରେ ଏ ବିରଳ ନାଗାର୍ଜୁନ ବେଶ ମହାପ୍ରଭୁଙ୍କର, ପୁଣି ଆହୁରି କେତେ ବର୍ଷପରେ ଏ ବେଶ ହେବେ ବଡଠାକୁର, ଏ ଚମ ଆଖିରେ ସେ ଦିବ୍ୟରୂପକୁଦର୍ଶନ କରି ପାରିବି ତ' ? ଅଗତ୍ୟା ସେଇ ପୁଣ୍ୟ ଦିନ ଆସି ପହଂଚିଲା, କିନ୍ତୁ ହୁଙ୍କିଲେନି ରମାରମଣ। ତଥାପି ମତେ ବୁଝାଇ କହିଲେ, ଏ ଭିଡ଼ ଭିତରେ ଦର୍ଶନ କରିବା ଅସମ୍ଭବ। ଆଜି ନିଶ୍ଚୟ କିଛି ଲୋକ ଅଚେତ ହୋଇଯିବେ ତ ଆଉ କିଛି ଲୋକ ଦଳାଚକଟାରେ ମରିଯିବେ। ସେ ଭିଡ଼ ଭିତରକୁ ନଯାଇ ଏଇଠି ଟିଭିରେ ଦେଖି ମୁଣ୍ଡିଆ ମାରିଦେବା । ମୋ ମନ ଖରାପ ହୋଇଗଲା। ମୁଁ ଯେତେ ଅସ୍ତ୍ର ପ୍ରୟୋଗ କଲେ ମଧ୍ୟ ସବୁ ନାକଚ ହୋଇଗଲା ଏମିତିକି ବ୍ରହ୍ମାସ୍ତ୍ର ମଧ୍ୟ। ପୁରୀ ଯିବାର ସବୁ ଆଶା ମଉଳିଗଲା। ଆଉ ମୋ ଭାଗ୍ୟରେ ସେ ବିରଳ ଦର୍ଶନ ଯୋଗ ନାହିଁ ଭାବି ମନଦୁଃଖରେ ରହିଲି।

ଛୁଟି କ୍ୟାନସଲ୍ କରିଦେଇ ହସ୍‌ପିଟାଲ୍ ବାହାରିଲି। ହସ୍‌ପିଟାଲ୍‌ରୁ ଆସି ଲଂଚ୍ ଖିଆ ସାରିଲୁ। ରୋଗୀ ଦେଖିବା ପରେ ପ୍ରାୟ ୫ଟା ବେଳକୁ ଫ୍ରି ହେଲି। କେଉଁଠୁ କେଜାଣି ଆଶାଟିଏ ଉଙ୍କିମାରିଲା ମନର ଗଭୀରତମ ପ୍ରଦେଶରୁ ଶେଷଚେଷ୍ଟା କରିବାପାଇଁ ଏବଂ ବ୍ରହ୍ମାସ୍ତ୍ରଟିଏ ପ୍ରୟୋଗ କରିବା ପାଇଁ ଆଗେଇ ଆସିଲି। ନିଜ ହାତରେ ଗୁଜୁରାତି ପକା ବଢ଼ିଆ ଚା' କପେ ତିଆରି କରି ଡ଼ଃ ଷଡ଼ଙ୍ଗୀଙ୍କ ପାଖକୁ ଗଲି ଏବଂ ଧିରେ ଧିରେ ପଚାରିଲି "ଏବେ ଫ୍ରି ହେଲଣି ନା ଆଉ କିଛି କାମ ଅଛି ?" ଏମିତି ଅବେଳରେ ସୁସ୍ୱାଦୁ ଚା' କପେ ମୁଁ ନିଜେ ତିଆରିକରି ତାଙ୍କ ପାଖକୁ ନେଲେ, ସେ ନାଡ଼ି ଚିପିଲା ଭଳି ମଞ୍ଜି କଥାଟି ବୁଝି ପାରନ୍ତି। ତେଣୁ ହସି ହସି ପଚାରିଲେ - "ଆଜି କ'ଣ ଏତେ ଭାଗ୍ୟ ମୋର, ଗୁଜୁରାତି ପକା ଚା'କପେ ନିଜ ହାତରେ ତିଆରି କରି ଆଣିଲଣି ? କଥା କ'ଣ ? ପୁଣି ଏତେ କଅଁଳିଆ କଣ୍ଠରେ କଥା କହୁଛ ?" ମୁଁ ସମୟ ନଷ୍ଟ ନକରି ବେଶୀ ଉପକ୍ରମଣିକା ନଦେଇ ସଙ୍ଗେ ସଙ୍ଗେ କହିଲି - "ମତେ ଟିକେ ପୁରୀ ନେଇ ଯାଆନ୍ତ ନି ? ପ୍ରଭୁଙ୍କର ନାଗାର୍ଜୁନ ବେଶ ଟିକେ ଦର୍ଶନ କରିଆସନ୍ତେ।" କି ଯାଦୁ ସେ ପଦିଏ କଥାରେ ଥିଲା କେଜାଣି ମତେ ଆଶ୍ଚର୍ଯ୍ୟ କରିଦେଇ, ବିସ୍ମୟରେ ଅଭିଭୂତ କରିଦେଇ ଡ଼ଃ ଷଡ଼ଙ୍ଗୀ ସଙ୍ଗେ ସଙ୍ଗେ ରାଜି ହୋଇଗଲେ ଓ ମତେ କହିଲେ, 'ହଉ ବାହାର'। ଆନନ

ଯୁବ ସମାଜସେବୀଙ୍କ ଉଦ୍ୟମରେ ରକ୍ତଦାନ ଶିବିର

ବାଲେଶ୍ୱର,୨୮/୦୮(ନି.ପ୍ର): ଜିଲା ରକ୍ତଭଣ୍ଡାରରେ ରକ୍ତର ଅଭାବକୁ ଦୃଷ୍ଟିରେ ରଖି ଯୁବ ସମାଜସେବୀ ସଲିମ ରେଜାଙ୍କ ଉଦ୍ୟମରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଶନିବାର ଅନୁଷ୍ଠିତ ହୋଇଛି। ଜିଲା ରକ୍ତଭଣ୍ଡାର ପରିସରରେ ଆୟୋଜିତ ଏହି ଶିବିରରେ ବାଲେଶ୍ୱର ସହର ସମେତ ଆଖପାଖ ଅଞ୍ଚଳରୁ ବହୁ ଉଦୀୟମାନ ଯୁବକ ପହଞ୍ଚି ରକ୍ତଦାନ କରିଥିଲେ। ଶ୍ରୀ ରେଜାଙ୍କ ସମେତ ଯୁବ ସଂଗଠକ ଆଶିଷ ଘୋଷ, ଶେଖ ସକିର, ହ୍ରିତିକ ନାୟକ, ଆନନ୍ଦ ସକୁନିଆ, ଶେଖ ସାମସା, ଇନାୟତ କାଦ୍ରି, ଇକବାଲ ଶେଖ୍, ଆଜମଲ ହୋସେନ ପ୍ରମୁଖ ଏହି ଶିବିରକୁ ପରିଚାଳନା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିର ଶେଷ ସୁଦ୍ଧା ୩୦ ୟନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଜରୁରୀ ପରିସ୍ଥିତିରେ ଏହି ଶିବିର ଆୟୋଜନକୁ ନେଇ ଜିଲା ରକ୍ତ ଭଣ୍ଡାର ପକ୍ଷରୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

ପାର୍ବଣ ଋତୁ ପାଇଁ ଆସିବ ନୂଆ ଗାଇଡଲାଇନ

ଭୁବନେଶ୍ୱର, ୨୮/୦୮(ନି.ପ୍ର): ରାଜ୍ୟରେ ଦୈନିକ ସଂକ୍ରମଣ ଏବେ ନିୟନ୍ତ୍ରଣରେ ଅଛି, ହେଲେ ଆଗକୁ ସ୍ଥିତି ବିଗିଡ଼ିବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପାର୍ବଣ ଋତୁ ପାଇଁ ନୂଆ ଗାଇଡଲାଇନ ଆଣିବେ ବୋଲି ସୂଚନା ଦେଇଛନ୍ତି ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର। ସେ କହିଛନ୍ତି କେରଳରେ ବହୁଦିନ ହେବ ସଂକ୍ରମଣ ହାର ଅଧିକ ରହିଛି। ଜାତୀୟ ସ୍ତରରେ ଯେତିକି ସଂକ୍ରମଣ ବୃଦ୍ଧି ପାଉଛି ସେଥିରେ କେରଳରେ ଅଧିକ ରହୁଛି। ତାକୁ ତୃତୀୟ ଲହର ବୋଲି ମଧ୍ୟ କହିପାରିବା। ଓନମ ପର୍ବ ଯୋଗୁ କେରଳରେ ସଂକ୍ରମଣ ବୃଦ୍ଧି ପାଇଛି। ତେଣୁ ସେଥିରୁ କିଛି ଶିଖିବା ଦରକାର। ପାର୍ବଣ ଋତୁରେ କୋଭିଡ ଗାଇଡଲାଇନ ମାନି ଚଳିବା ଆବଶ୍ୟକ। ରାଜ୍ୟରେ ଯେପରି ସଂକ୍ରମଣ ନିୟନ୍ତ୍ରଣରେ ରହିବ, ରୋଗୀ ଗୁରୁତର ନ ହେବେ, ସେଥିପାଇଁ ସର୍ଭିଲାନ୍ସ ଜାରି ରହିଥିବା କହିଛନ୍ତି ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ। ମନିଟରିଂ ମଧ୍ୟ କରାଯାଉଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ପାର୍ବଣ ପାଇଁ କଟକଣା ଜାରି ରଖିବା ଲାଗି ରାଜ୍ୟମାନଙ୍କୁ କୁହାଯାଇଛି। ରାଜ୍ୟ ସରକାର ଏହା ଉପରେ ନଜର ରଖିଛନ୍ତି। ସବୁ ତଥ୍ୟକୁ ଆଧାର କରି ସେପଟେମ୍ବର ମାସରେ ନୂଆ କୋଭିଡ ଗାଇଡଲାଇନ ଆସିବ ବୋଲି କହିଛନ୍ତି ରାଜ୍ୟ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ବିଜୟ ମହାପାତ୍ର ।

ରେଳଧାରଣାରେ କାର୍ଯ୍ୟରତ ସିଗ୍‌ନାଲ ଇନିସ୍‌ପେକ୍ଟରଙ୍କ ଟ୍ରେନ୍ ଧକ୍କାରେ ମୃତ୍ୟୁ

ଜଳେଶ୍ୱର ୨୮/୮(ନିପ୍ର): ଆଜି ଭୋର ଜଳେଶ୍ୱର ରେଳ ଷ୍ଟେସନର ୨ନଂ ପ୍ଲାଟଫର୍ମ-ରେଳଧାରଣାରେ ଏକ ସିଗ୍‌ନାଲ ପଏଣ୍ଟ ଅଚଳ ଥିବାରୁ ଇନିସ୍‌ପେକ୍ଟର ବାବୁଲାଲ ହେମ୍ବ୍ରମ (୪୦) ତାର ମରାମତି କରୁଥିଲେ। ବର୍ଷା ଲାଗି ରହିଥିବା ବେଳେ ଟ୍ରେନ୍ ଆସୁଥିବାର ସେ ଜାଣିନପାରି ମରାମତି କରୁଥିଲେ। ଏକ ମାଲବାହୀ ଗାଡି ଡାଉନ୍ ଲାଇନ୍‌ରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ମୁଣ୍ଡ ଓ ଗଣ୍ଡି ଅଲଗା ହୋଇ ଯାଇଥିଲା ବୋଲି ରେଳ ବିଭାଗ ସୂତ୍ରରୁ ପ୍ରକାଶ। ସେ ଦୀର୍ଘ ୧ବର୍ଷ ଧରି ସିଗ୍‌ନାଲ ଇନିସ୍‌ପେକ୍ଟର ଭାବେ କାର୍ଯ୍ୟରାତ ଥିଲେ। ତାଙ୍କ ଘର ମୟୂରଭଂଜ ଜିଲାର ମଙ୍ଗଳପୁର ଗାଁରେ । ତାଙ୍କର ଜଣେ ନାବାଳକ ପୁଅ ଓ ଅନ୍ୟଜଣେ ନାବାଳିକା ଝିଅ ରହିଛି। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବାରୁ ଜିଆର୍‌ପି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କ ହସ୍ତାନ୍ତର କରିଛି ।

ଦଶମ ଶ୍ରେଣୀ ଛାତ୍ର ପୋଖରୀ ପାଣିରେ ବୁଡ଼ି ମୃତ୍ୟୁ

ଧାମନଗର,୨୮/୦୮(ନି.ପ୍ର): ଧାମନଗର ଥାନା ଅଂଚଳର ଶିବପୁର ଠାରେ ଥିବା ମା' ତାରିଣୀ ପୋଖରୀରେ ଶନିବାର ୧୨ଟା ୩୦ମିନିଟ୍ ସମୟରେ ଉକ୍ତ ପୋଖରୀରେ ବୁଡ଼ି ଛାତ୍ରଙ୍କର ମୃତ୍ୟୁ ଘଟିଛି। ପ୍ରକାଶ ଥାଉକି ବୟାଂଡିହ ପଂଚାୟତର ଗୁଡ଼ିପୋଖରୀ ଗ୍ରାମର ମେହମ୍ମୁଦ ସାହାଙ୍କ ପୁତ୍ର ରଫିକ୍ ସାହା (୧୬) ଉକ୍ତ ପୋଖରୀକୁ ଗାଧୋଇବାକୁ ଆସିଥବଲେ। ପୋଖରୀରେ ରଫିକ୍ ଗାଧଉଥିବାବେଳେ ଗୋଡ଼ ଖସିସିଯିବା ଫଳରେ ପୋଖରୀ ଭିତରକୁ ଚାଲିଯାଇଥିଲେ। ସେଠାରେ ଥଳ ନଦେବାରୁ ସେ ବୁଡ଼ି ଯାଇଥିଲେ। ଖବର ପାଇ ଗ୍ରାମର ଲୋକମାନେ ଦେଖି ପୋଖରୀରୁ ରଫିକ୍‌କୁ ଉଦ୍ଧାର କରି ଧାମନଗର ମେଡ଼ିକାଲକୁ ଆଣିଥିବାବେଳେ ଡ଼ାକ୍ତର ରଫିକ୍‌କୁ ମୃତ ଘୋଷଣା କରିଥିଲେ। ଉକ୍ତ ଘଟଣା ସମ୍ପର୍କରେ ଡ଼ାକ୍ତର ପୋଲିସକୁ ଖବର ଦେବାପରେ ପୋଲିସ ଘଟଣା ସ୍ଥଳରେ ପହଂଚି ଶବ ଜବତ କରିବା ସହ ଧାମରନଗର ପୋଲିସ କେସ ନ ୧୮/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁରକି ବ୍ୟବଚ୍ଛେଦ ପାଇଁ ଭଦ୍ରକ ମୁଖ୍ୟଚିକିତ୍ସାଳୟକୁ ପଠାଇଥିବା ଜଣାଯାଇଛି। ରଫିକ୍ ସ୍ଥାନୀୟ ମଧୁସୁଦନ ହାଇସ୍କୁଲର ୧୦ମ ଶ୍ରେଣୀର ଛାତ୍ର ହୋଇଥିବାବେଳେ ସେ ଜଣେ ମେଳାପି ଛାତ୍ର ହୋଇଥିବାରୁ ତାଙ୍କର ଏହି ଅକାଳ ବିୟୋଗରେ ଶିକ୍ଷକ, ଛାତ୍ର ଛାତ୍ରୀ ଓ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି।

ହେଲଦି ଲାଇଫ ପକ୍ଷରୁ ବିଶ୍ୱକଲ୍ୟାଣ ବେଦଯଜ୍ଞ

ବାଲେଶ୍ୱର,୨୮/୦୮ (ନି.ପ୍ର): ବାଲେଶ୍ୱର ସହରର ଅନ୍ୟତମ ଯୋଗ ପ୍ରଶିକ୍ଷଣ କେନ୍ଦ୍ର ନେଚର କିଓର ଏଣ୍ଡ ଯୌଗିକ ସାଇନ୍ସ 'ହେଲଦି ଲାଇଫ' ପକ୍ଷରୁ ଶ୍ରାବଣୀ ଉପକ୍ରମ ଅବସରରେ ବିଶ୍ୱ କଲ୍ୟାଣ ବେଦଯଜ୍ଞ ଶନିବାର ଅନୁଷ୍ଠିତ ହୋଇଯାଇଛି। ପିଞ୍ଚାବଣିଆ ଗୁରୁକୁଳ ଆଶ୍ରମର ସହଯୋଗରେ ଆୟୋଜିତ ଏହି ବେଦଯଜ୍ଞ କର୍ମକାଣ୍ଡରେ ରସାଳପୁର କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଦୟାନିଧି ମହାପାତ୍ର ଓ ତାଙ୍କ ସହଧର୍ମିଣୀ ତନୁଶ୍ରୀ ମହାପାତ୍ର ମୁଖ୍ୟ ସଂକଳ୍ପୀ ଭାବେ ଉପବିଷ୍ଟ ଥିଲେ। ଗୁରୁକୁଳ ଆଶ୍ରମର ମୁଖ୍ୟ ଆଚାର୍ଯ୍ୟ ବିଜୟ ଜୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ବେଦଯଜ୍ଞ ଅନୁଷ୍ଠିତ ହୋଇଥିଲା। ହେଲଦି ଲାଇଫର ମୁଖ୍ୟ ଡାକ୍ତର ଚିତ୍ତରଞ୍ଜନ ସାହୁ ଓ ନିର୍ଦ୍ଦେଶିକା ଦେବୀ ଅର୍ଚ୍ଚନା ଏଥିରେ ଉପସ୍ଥିତ ରହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଶ୍ରାବଣ ପୂର୍ଣ୍ଣିମାଠାରୁ ଜନ୍ମାଷ୍ଟମୀ ପର୍ଯ୍ୟନ୍ତ ସପ୍ତାହ ବ୍ୟାପୀ ବେଦ ସମ୍ଭାଗ ସପ୍ତାହ ଭାବେ ପାଳିତ ହୋଇଥାଏ। ଏହି ପରିପ୍ରେକ୍ଷୀରେ ହେଲଦି ଲାଇଫ ପକ୍ଷରୁ ବେଦ ପ୍ରଚାର ଅଭିଯାନ ସାଙ୍ଗକୁ ବିଶ୍ୱକଲ୍ୟାଣ ବେଦଯଜ୍ଞ ଅନୁଷ୍ଠିତ ହୋଇଥିବା ସେମାନେ କହିଥିଲେ। ବିଶେଷ କରି କରୋନା କାଳରେ ବାୟୁମଣ୍ଡଳକୁ ବିଶୁଦ୍ଧିକରଣ ପାଇଁ ଶ୍ରାବଣ ମାସରେ ଏହଭଳି ଯଜ୍ଞର ଗୁରୁତ୍ୱ ଥାଏ ବୋଲି ଦେବୀ ଅର୍ଚ୍ଚନା କହିଥିଲେ। ଲେଦି ଲାଇଫର ବହୁ ଯୋଗ ପ୍ରଶିକ୍ଷାର୍ଥୀ ଏଥିରେ ଉପସ୍ଥିତ ଥିଲେ।

ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ବୃକ୍ଷରୋପଣ

ବାଲେଶ୍ୱର,୨୮/୦୮ (ନି.ପ୍ର): ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ପ୍ରତିବର୍ଷଭଳି ବୃକ୍ଷରୋପଣ କାର୍ଯ୍ୟ ଆରମ୍ଭ ହୋଇଛି। ଶନିବାର ପୂର୍ବାହ୍ନରେ ବରହମପୁର ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘର ସହାୟତାରେ ରାଜବରହମପୁର ଦୀନବନ୍ଧୁ ହାଇସ୍କୁଲ ଓ ସ୍ଥାନୀୟ ସଂଘ ଅଫିସ ପରିସରରେ ଫଳଚାରା ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଘର ସାଧାରଣ ସଂପାଦକ ଇଂ. ବନମାଳୀ ନାୟକ, ଯୁଗ୍ମ ସଂପାଦକ ବସନ୍ତ କୁମାର ନାୟକ ଓ ଶଶାଙ୍କ ଶେଖର ଦତ୍ତ, ସ୍ଥାନୀୟ ଶାଖା ସଂଘର କର୍ମକର୍ତ୍ତା କୈଳାସ ଚନ୍ଦ୍ର ବେହେରା, କୁଳମଣି ନାୟକ, ଅଜୟ ପରିଡ଼ା, ଦୀନବନ୍ଧୁ କବାଟ, ଗୋକୁଳାନନ୍ଦ ବେହେରା ଓ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ପ୍ରମୁଖ ଚାରାରୋପଣ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁ ଚାରାରୋପଣ ଶୁଭାରମ୍ଭ କରିଥିଲେ। ଶିକ୍ଷକ ନରେନ୍ଦ୍ର ବାରିକ, ମହେଶ୍ୱର ଚୌଧୁରୀ ଓ ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ ରାଉତ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

ନୀଳଗିରି ଅବକାରୀ ବିଭାଗ ଦ୍ୱାରା ବିପୁଳ ପରିମାଣରେ ପୋଚ ଜବତ

ନୀଳଗିରି,୨୮/୦୮ (ନି.ପ୍ର): ବାଲେଶ୍ୱର ଅବକାରୀ ଅଧକ୍ଷଙ୍କ ନିର୍ଦ୍ଦେଶ କ୍ରମେ ନୀଳଗିରି ଅବକାରୀ ବିଭାଗ ଅଧିକାରୀ ନାରାୟଣ ବେହେରା ନେତୃତ୍ୱରେ ଆଜି ନୀଳଗିରି ଅଞ୍ଚଳରୁ ବିପୁଳ ପରିମାଣରେ ପୋଚ ଜବତ କରିଛନ୍ତି। ନୀଳଗିରି ଅଞ୍ଚଳରେ ବହୁ ପରିମାଣରେ ମହୁଲି ମଦ ଆଖପାଖ ଅଞ୍ଚଳରେ ବିକ୍ରି ହେବା ସହିତ ଦୂରଦୂରାନ୍ତ କୁ ଚାଲାଣ ହୋଇଥାଏ। ସୂଚନା ଅନୁଯାୟୀ ଆଜି ନୀଳଗିରି ଅବକାରି ବିଭାଗ ଏକ ବିଶେଷ ସୂତ୍ରରୁ ଖବର ପାଇ ନୀଳଗିରି ଅଞ୍ଚଳ ର ସିଆଡ଼ିମାଳ ପଞ୍ଚାୟତ ଅଧିନ ବାବନ୍ଧ, ସିଆଡ଼ିମାଳ ଓ କଦମଶୂଳ ଗ୍ରାମରୁ ୮୮୦୦ ଲିଟର ପୋଚ ଜବତ କରି ସେଗୁଡ଼ିକୁ ନଷ୍ଟ କରିଦେଇଛନ୍ତି । ଘଟଣାସ୍ଥଳରୁ ମଦଭାଟିର ମାଲିକ ଏବଂ କର୍ମଚାରୀମାନେ ଫେରାର ହେବାରେ ସକ୍ଷମ ହୋଇଛନ୍ତି । ଏହି ଚଢ଼ାଉରେ ନୀଳଗିରି ଅବକାରୀ ଓ.ଆଇ.ସି. ଜୟନ୍ତୀ ଆଚାର୍ଯ୍ୟ, ଏ.ଏସ.ଆଇ. ପ୍ରହ୍ଲାଦ ବିଶ୍ୱାଳ, କନେଷ୍ଟବଳ ପ୍ରମୁଖ ସାମିଲ ଥିଲେ ।

ରାଜଧାନୀରେ ୨୪ ଘଂଟାରେ ୧୮୭ ପଜିଟିଭ୍

ଭୁବନେଶ୍ୱର,୨୮/୦୮ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ଶନିବାର ଦିନ ଆଉ ୧୮୭ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୨୮ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୧୫୯ ଲୋକାଲ୍ କେସ୍ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୨୪୧ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦୬୨୬୬ କୁ ବୃଦ୍ଧି ପାଇଛି। ସେହିପରି ସୁସ୍ଥଙ୍କ ସଂଖ୍ୟା ୧୦୧୯୫୨ କୁ ବୃଦ୍ଧି ପାଇଛି। ଭୁବନେଶ୍ୱରରେ ଏବେ ୩୩୦୩ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୯୯୦ କୁ ବୃଦ୍ଧି ପାଇଛି।

ଅବସରକାଳୀନ ସମ୍ବର୍ଦ୍ଧନା ସଭା

ପୁରୀ,୨୮/୦୮ (ନି.ପ୍ର): କୋଭିଡ଼ କଟକଣା ମଧ୍ୟରେ ନରେନ୍ଦ୍ରକୋଣ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅତିରିକ୍ତ ବ୍ଲକଶିକ୍ଷାଧିକରୀ ସୁଜାତା ମିଶ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଅତିରିକ୍ତ ବ୍ଲକଶିକ୍ଷାଧିକରୀ କାର୍ତ୍ତିକ ଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ଏହି ସଭାରେ ବକ୍ତାମାନେ ସୁଜାତା ମିଶ୍ରଙ୍କ କର୍ତ୍ତବ୍ୟନିଷ୍ଠା ଓ ବନ୍ଧୁବତ୍ସଳତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସଭାରେ ବହୁ ସିଆରସି ଯୋଗଦେଇଥିଲେ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ହିଞ୍ଜିଳିର ଆଉ ୧୦ଟି ରୂପାନ୍ତରିତ ....

ମଧ୍ୟ ଉଜ୍ଜଳ ହେବ । ତେଣୁ ସବୁ ପିଲାମାନେ ନିଜ ଭବିଷ୍ୟତ ପାଇଁ ଯେଉଁ ସ୍ୱପ୍ନ ଦେଖିଛନ୍ତି, ତାକୁ ସାକାର କରିବା ପାଇଁ କଠୋର ପରିଶ୍ରମ କରନ୍ତୁ ଏବଂ ନିଜ ପାଇଁ ଓ ନିଜ ପରିବାର ପାଇଁ ସଫଳତା ଆଣନ୍ତୁ ବୋଲି ସେ କହିଥିଲେ । ପିଲା ମାନଙ୍କ ସଫଳତା ହିଁ ହେବ ଆମ ପାଇଁ ସବୁଠାରୁ ବଡ଼ ପୁରସ୍କାର । ୫-ଟି କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରି ଏହାର ପ୍ରତ୍ୟେକ ନୀତିର ପ୍ରୟୋଗରେ କିପରି ବିଦ୍ୟାଳୟ ରୂପାନ୍ତରଣ କରାଯାଇଛି, ସେ ସଂପର୍କରେ ମୁଖ୍ୟମନ୍ତ୍ରୀ ବୁଝାଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ହିଞ୍ଜିଳିରେ ଆରମ୍ଭ ହୋଇଥିବା ଏହି ରୂପାନ୍ତରଣ କାର୍ଯ୍ୟ ସାରା ରାଜ୍ୟରେ ପ୍ରତିଫଳିତ ହେବ। ଓଡିଶାର ସବୁ ସ୍କୁଲରେ ଆସିବ ରୂପାନ୍ତରଣ। ଅତିଥି ଭାବରେ ଯୋଗ ଦେଇଥିବା ମନ୍ତ୍ରୀ ଜଗନ୍ନାଥ ସାରକା ,ମନ୍ତ୍ରୀ ପ୍ରେମାନନ୍ଦ ନାୟକ ଓ ବିଧାୟକ ମାନଙ୍କୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ହିଞ୍ଜିଳିର ସ୍କୁଲ ମାନଙ୍କର ଏ ରୂପାନ୍ତରଣ ସମସ୍ତଙ୍କ ପାଇଁ ଏକ ଶିକ୍ଷଣୀୟ ଉଦାହରଣ। ଜନପ୍ରତିନିଧି ଭାବରେ ସେମାନେ ସମାଜର ସବୁ କ୍ଷେତ୍ରରେ ଏପରି ପରିବର୍ତନ ଆଣିବା ପାଇଁ ଉଦ୍ୟମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହି ଅବସରରେ ଯୋଗ ଦେଇଥିବା ମନ୍ତ୍ରୀ ପ୍ରେମାନନ୍ଦ ନାୟକ ମନ୍ତ୍ରୀ ,ଜଗନ୍ନାଥ ସାରକା ବିଧାୟକଗଣ, ସେମାନଙ୍କ ଭାଷଣରେ କ୍ୱେଳ ହିଞ୍ଜିଳିର ସ୍କୁଲ ନୁହେଁ ସମଗ୍ର ନିର୍ବାଚନ ମଣ୍ଡଳୀ ବିକାଶ ର ଅନନ୍ୟ ମଡେଲ ବୋଲି ମତ ଦେଇଥିଲେ । ଆଗାମୀ ନଭେମ୍ବର ୧୪ ଶିଶୁ ଦିବସରେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ରୂପାନ୍ତରିତ ହୋଇ ଥିବା ୧୦୭୦ ଲୋକାର୍ପିତ ହେବ ବୋଲି ୫ଟି ସଚିବ ଭି କେ ପାଣ୍ଡିଆନ୍ ସୂଚନା ଦେଇଥିଲେ । ସୂଚନାଯୋଗ୍ୟ ଯେ ଗତ ୨୧ ତାରିଖରେ ରାଜ୍ୟ ସରକାରଙ୍କର ଉଚ୍ଚାକାଂକ୍ଷୀ ସ୍କୁଲ ରୂପାନ୍ତରଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ୫-ଟି ଉପକ୍ରମରେ ହିଞ୍ଜିଳିର ୫୦ଟି ସ୍କୁଲର ରୂପାନ୍ତରଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି। ୫ଟି ପର୍ଯ୍ୟାୟରେ ୫୦ଟି ସ୍କୁଲର ଲୋକାର୍ପଣ କରାଯିବ। ଆଜି ସୁଦ୍ଧା ୪୦ଟି ସ୍କୁଲ ଲୋକାର୍ପିତ ହୋଇଛି। ମୁଖ୍ୟମନ୍ତ୍ରୀ ଙ୍କ ସହିତ ଆଲୋଚନା ସମୟରେ ସ୍ମୃତି ,ଅଙ୍କିତା , ପୂଜା ରାଣୀ ,ପ୍ରଜ୍ଞାଶ୍ରୀ ଅମ୍ବିକା ଆଶା ,ଦୁର୍ଗା ମାଧବ ଆଦି ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ମାନେ ସେମାନେ ଆଗକୁ ବଢି ମୁଖ୍ୟମନ୍ତ୍ରୀ ଙ୍କ ସ୍ୱପ୍ନ ସାକାର କରିବେ ବୋଲି ମୁଖ୍ୟମନ୍ତ୍ରୀ ଙ୍କୁ ପ୍ରତିଶ୍ରୁତି ଦେଇଥିଲେ ।ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଶାସନ ସଚିବ ଓ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

ଢ଼େଙ୍କାନାଳ ଓ ପଡ଼ୋଶୀ ଜିଲ୍ଲାରେ....

ଢ଼େଙ୍କାନାଳ ଜିଲ୍ଲାକୁ ଅଗ୍ରଣୀ ଅଂଚଳ କରିବା ଲକ୍ଷ୍ୟରେ ଏହି ପ୍ରକଳ୍ପ ନିର୍ମାଣ କରାଯାଉଛି। ଆଗାମୀ ୨ ବର୍ଷ ମଧ୍ୟରେ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ଶିଳ୍ପ କମ୍ପାନୀ ଦ୍ୱାରା ପରିବହନ ହେଉଥିବା ଟ୍ରକ ଗୁଡିକ ବିଭିନ୍ନ ଷ୍ଟେସନରୁ ପେଟ୍ରୋଲିୟମଜାତ ସାମଗ୍ରୀ ଏବଂ ଇଥାନଲ, ଏଲଏନଜି ନେବାରେ ସହଜ ହେବ । ଏହା ଦ୍ୱାରା ସ୍ଥାନୀୟ ଅଂଚଳରେ ଶିଳ୍ପାୟନର ସାମଗ୍ରିକ ବିକାଶରେ ବଡ଼ ଭୂମିକା ଗ୍ରହଣ କରିବ । ଏହାବ୍ୟତିତ ଢେଙ୍କାନାଳ ଏବଂ ଅନୁଗୁଳ ହାଇଡ୍ରୋଜେନ୍ ଆଧାରିତ ଅର୍ଥନୈତିକ ପେଣ୍ଠସ୍ଥଳି ହେବ। ଏହି ୩୯୫ କୋଟି ଟଙ୍କାର ପ୍ରକଳ୍ପ ୩ଟି ତୈଳ ବିପଣନ କମ୍ପାନୀ ଯଥା ଇଣ୍ଡିଆନ ଅଏଲ, ବିପିସିଏଲ, ଏଚପିସିଏଲ ବ୍ୟବହାର କରିବେ। ଏଠାରେ ଅତ୍ୟାଧୁନିକ ଜ୍ଞାନକୌଶଳରେ ୪୨ ହଜାର କିଲୋ ଲିଟର କ୍ଷମତା ବିଶିଷ୍ଟ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ଷ୍ଟୋରେଜ୍ ଡ଼ିପୋ ବା ତୈଳ ଟର୍ମିନାଲ ନିର୍ମାଣ କରାଯିବ। ୫୦ ଏକର ପରିମିତ ଜମିରେ ନିର୍ମାଣ ହେବାକୁ ଥିବା ଏହି ତୈଳ ଡିପୋରେ ପେଟ୍ରୋଲ, ଡ଼ିଜେଲ, ଇଥାନଲ ଏବଂ ବାୟୋ ଡ଼ିଜେଲ ସଂରକ୍ଷିତ ରଖିବା ସହ ଆଖପାଖ ଜିଲ୍ଲାରେ ଯୋଗାଣ କରାଯିବ। ଇଣ୍ଡିଆନ ଅଏଲର ପାରାଦୀପ-ରାଂଚି -ରାୟପୁର ପାଇପଲାଇନରୁ ୧୯ କିମି ଦୂରରୁ ଏହି 'କମନ୍ ୟୁଜର ଫାସିଲିଟି' ସହ ସଂଯୋଗ କରାଯାଇ ପେଟ୍ରୋଲିୟମ ସାମଗ୍ରୀ ଯୋଗାଇ ଦିଆଯିବ। ଏହାସହ ଆଗାମୀ ଦିନରେ ରେଳପଥ ମାଧ୍ୟମରେ ପେଟ୍ରୋଲିୟମ ସାମଗ୍ରୀ ମଧ୍ୟ ଯୋଗାଇବାର ଯୋଜନା ରହିଛି। ସଦାଶିବପୁର ତେନ୍ତୁଳିପଡା ଠାରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପ ଢ଼େଙ୍କାନାଳ ଜିଲ୍ଲାରେ ପେଟ୍ରୋଲିୟମ ସାମଗ୍ରୀ ଯୋଗାଇବାରେ ସହାୟକ ହେବା ସହ ପାରାଦୀପ ଠାରୁ ପେଟ୍ରୋଲିୟମ ସାମଗ୍ରୀ ପହିବହନ ପାଇଁ ହେଉଥିବା ଅତିରିକ୍ତ ଖର୍ଚ୍ଚକୁ ମଧ୍ୟ ହ୍ରାସ କରିବ। ଯାହାର ଲାଭ ଉପଭୋକ୍ତାଙ୍କୁ ମିଳିବ। ଏହି ପ୍ରକଳ୍ପ ନିର୍ମାଣ ହେବା ସମୟରେ ଏହା ଦ୍ୱାରା ପାଖାପାଖି ୨ ଲକ୍ଷ ମାନବ ଦିବସର ରୋଜଗାର ସୃଷ୍ଟି ହେବ ଏବଂ ସ୍ଥାନୀୟ ଅଂଚଳର ଅର୍ଥନୀତିରେ ଅଭିବୃଦ୍ଧି ଘଟିବା ସହ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୃଷ୍ଟି କରିବ ।

୧୦ ଜିଲ୍ଲାରେ ପ୍ରବଳ....

ସୂଚନା ଦିଆଯାଇଛି । ଆସନ୍ତା ୨୪ ଘଂଟା ମଧ୍ୟରେ ମାଲକାନଗିରି, କୋରାପୁଟ, ରାୟଗଡା, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା

ବାଲେଶ୍ୱର ରବିବାର, ୨୯ ଅଗଷ୍ଟ, ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ଗୋଟିଏ ଦିନରେ ୭୭୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୮/୦୮(ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୭୭୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୦୫୬୫୪ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୧୦୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ରାଜ୍ୟରେ ବର୍ତମାନ ସୁଦ୍ଧା ୯୮୯୮୪୦ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୭୯୯୬ ରହିଛି । ଆଜି ଚିହ୍ନଟ ହୋଇଥିବା ୭୭୯ ଜଣଙ୍କ ମଧ୍ୟରୁ ୪୫୪ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୨୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୨୫୯ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୨୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୫୯ ଜଣ, ବରଗଡ଼ରୁ ୫ ଜଣ, ଭଦ୍ରକରୁ ୧୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୨, କଟକରୁ ୮୪, ଦେବଗଡ ଜିଲ୍ଲାରୁ ୯ ଜଣ, ଢେଙ୍କାନାଳ ଜିଲ୍ଲାରୁ ୯ ଜଣ, ଗଜପତି ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇ ହୋଇଛନ୍ତି । ଗଞ୍ଜାମରୁ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୩୧ ଜଣ, ଯାଜପୁରରୁ ୩୪ ଜଣ, ଝାରସୁଗୁଡ଼ାରୁ ୭ ଜଣ, କଳାହାଣ୍ଡିରୁ ୧ ଜଣ, କନ୍ଧମାଳ ଜିଲ୍ଲାରୁ ୫ ଜଣ. କେନ୍ଦ୍ରାପଡ଼ାରୁ ୨୧ ଜଣ, କେନ୍ଦୁଝରରୁ ୧୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧାରୁ ୨୫୯ ଜଣ, କୋରାପୁଟରୁ ୩ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

ଓଡ଼ିଶା ଉଚ୍ଚ ନ୍ୟାୟାଳୟ ମୁଖ୍ୟ ବିଚାରପତିଙ୍କୁ ବାଲେଶ୍ୱରରେ ଭବ୍ୟ ସମ୍ବର୍ଦ୍ଧନା

ଉଚ୍ଚ ନ୍ୟାୟାଳୟ ସ୍ଥାୟୀବେଞ୍ଚ ପ୍ରତିଷ୍ଠା ଦାବି କଲା ଓକିଲ ସଂଘ

ଭୁବନେଶ୍ୱର,୨୮/୦୮(ନି.ପ୍ର): ଜିଲା ଗସ୍ତ ଅବସରରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଏସ.ମୁରଲୀଧରଙ୍କୁ ବାଲେଶ୍ୱର ଓକିଲ ସଂଘ ପକ୍ଷରୁ ଶନିବାର ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଘର ସଭାପତି ଆଇନଜୀବୀ ମନୋଜ ନାୟକ ଅଧ୍ୟକ୍ଷତା ସହ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତିଙ୍କ ନିକଟରେ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ବିଶେଷ କରି ବାଲେଶ୍ୱରରେ ଉଚ୍ଚ ନ୍ୟାୟାଳୟର ଏକ ସ୍ଥାୟୀ ବେଞ୍ଚ ସହ ଆବଶ୍ୟକ ଅନ୍ୟାନ୍ୟ ବିଭାଗର ଅଦାଲତ ପ୍ରତିଷ୍ଠା ପାଇଁ ସେ ଦାବି ଜଣାଇଥିଲେ । ଏଥି ସହିତ ବାଲେଶ୍ୱରର ଅଦାଲତ ଗୁଡିକରେ ଖାଲି ପଡ଼ିଥିବା ବିଚାରପତି ପଦବୀ ପୂରଣ, ଆଇନଜୀବୀଙ୍କ ନିମନ୍ତେ ଅତ୍ୟାଧୁନିକ ସୁବିଧା ସୁଯୋଗ ସମ୍ବଳିତ ସ୍ୱତନ୍ତ୍ର ବାର ହଲ ପ୍ରତିଷ୍ଠା ସମ୍ପର୍କରେ ସଂଘ ପକ୍ଷରୁ ଦାବି ଉପସ୍ଥାପନ କରାଯାଇଥିଲା। ଏହି ଅବସରରେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ସହ ଆଇନଜୀବୀମାନେ ମୁଖ୍ୟ ବିଚାରପତି ଶ୍ରୀ ମୁରଲୀଧରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧିତ ଅବସରରେ ଶ୍ରୀ ମୁରଲୀଧର ସମସ୍ତଙ୍କୁ ସାଧୁବାଦ ଜଣାଇବା ସହ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ ତଥା ବିଚାର ପ୍ରକ୍ରିୟା ତ୍ୱରାନ୍ୱିତ କରିବାରେ ବିଚାର ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ସମେତ ଆଇନଜୀବୀମାନଙ୍କ ସହଯୋଗ କାମନା କରିଥିଲେ। ଆଇନଜୀବୀଙ୍କ ପାଇଁ ବାର ଏନ୍ତୁଡ଼ିଶାଳ ହୋଇଥିବା ବେଳେ ଏହାର ଉନ୍ନତି ହିଁ ସେମାନଙ୍କ ଦକ୍ଷ କରିଥାଏ ବୋଲି ସେ କହିଥିଲେ। ବାଲେଶ୍ୱର ବିଚାର ବିଭାଗର ବିଭିନ୍ନ ସମସ୍ୟା ସମ୍ପର୍କରେ ସେ ଅବଗତ ଥିବା ବେଳେ ପର୍ଯ୍ୟାୟ କ୍ରମେ ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟ ବିଚାରପତି ଶ୍ରୀ ମୁରଲୀଧର କହିଥିଲେ। ତ୍ୱରିତ ନ୍ୟାୟ ପ୍ରଦାନ କ୍ଷେତ୍ରରେ ବିଚାରପତି ଏବଂ ବିଭାଗୀୟ କର୍ମଚାରୀଙ୍କ ସହ ସମନ୍ୱୟ ରକ୍ଷା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ବାଲେଶ୍ୱର ବିଚାର ବିଭାଗ ଦାୟିତ୍ୱରେ ଥିବା ଉଚ୍ଚ ନ୍ୟାୟାଳୟର ବିଚାରପତି ଦେବବ୍ରତ ଦାଶ ଏହି ଅବସରରେ ଉପସ୍ଥିତ ରହି ପ୍ରଯୁକ୍ତି ବିଦ୍ୟା ସମ୍ବଳିତ ମାମଲା ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ବାଲେଶରରେ ଆଇନଜୀବୀଙ୍କ ପାଇଁ ସମସ୍ତ ପ୍ରକାର ଅତ୍ୟାଧୁନିକ ବ୍ୟବସ୍ଥା ଗ୍ରହଣ କରାଯାଉଥିବା ସେ ସୂଚନା ଦେଇଥିଲେ । ବାଲେଶ୍ୱର ଜିଲା ଓ ଦୌରା ଜଜ ହୀରଣ୍ମୟ ବିଶୋଇ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ମୁଖ୍ୟ ବିଚାରପତି ଶ୍ରୀ ମୂରଲୀଧର ଓ ବିଚାରପତି ଶ୍ରୀ ଦାଶ ଅଦାଲତ ପରିସରରେ ଥିବା କୁଳବୃଦ୍ଧ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାପଣ କରିଥିଲେ । ଓକିଲ ସଂଘର ସମ୍ପାଦକ ସମ୍ବିତ କୁମାର ନନ୍ଦୀ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ବାର ଆସୋସିଏସନର ସମସ୍ତ କର୍ମକର୍ତାଙ୍କ ସମେତ ବହୁ ବରିଷ୍ଠ ଆଇନଜୀବୀ ଏଥିରେ ଉପସ୍ଥିତ ଥିଲେ ।

କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୨ ଗିରଫ, ୭୫୬ ବାହନ ଜବତ

ଭୁବନେଶ୍ୱର,୨୮/୦୮ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୨ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୭୫୬ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୧୯,୬୭,୬୨୫ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

ବସ୍ତା ସାହିତ୍ୟ ପରିଷଦର ସଭାପତି ଚୟନ

ବସ୍ତା,୨୮।୮(ନି.ପ୍ର):ବସ୍ତା ସାହିତ୍ୟ ସଂସ୍କୃତି କଳା ପରିଷଦରେ ଗୁରୁତ୍ୱପୂର୍ଣ୍ଣ ଅଧିବେଶନ ଶନିବାର ସ୍ଥାନୀୟ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଥିଲା।ଏଥିରେ ସର୍ବସମ୍ମତି କ୍ରମେ ଜୟନ୍ତ କୁମାର ପାଣିଗ୍ରାହୀଙ୍କୁ ପରିଷଦର ସଭାପତି ନିର୍ବାଚିତ କରାଗଲା। ଉଲ୍ଲେଖଯୋଗ୍ୟ ଯେ ପ୍ରାକ୍ତନ ସଭାପତି ନାରାୟଣ ଦାସଙ୍କ ବିୟୋଗ ପରେ ଏହି ପଦବୀ ଖାଲି ପଡିଥିଲା । ଅଧିବେଶନରେ କବିତା ପାଠୋତ୍ସ୍ୱ ଆୟୋଜିତ ହୋଇଥିଲା। ଏଥିରେ ଉପଦେଷ୍ଟା ଶ୍ୟାମା ପ୍ରସାଦ ବେହେରା, ଅରୁଣ କୁମାର ଦାସ,କୁମୁଦ ରଂଜନ ଗିରି,ରାମଚନ୍ଦ୍ର ଦେବ, ଧ୍ରୁବ ଚରଣ ନାୟକ, ବିରାଜ ସିଂହଦେଓ, ବିକର୍ତନ କବି,ପ୍ରଶାନ୍ତ କୁମାର ଦାସ, ଜୟନ୍ତୀ ସାହୁ, ଜିତେନ୍ଦ୍ର ଗିରି, କୃଷ୍ଣଚନ୍ଦ୍ର ପାଣି,ଜଗନ୍ନାଥ ଗିରି, ରାମଚନ୍ଦ୍ର ଦାସ, ଶ୍ରୀନିବାସ ଦାସ, ଶଙ୍କର୍ଷଣ ତରାଇ ଅଂଶ ଗ୍ରହଣ କରିଥିଲେ।ଶେଷରେ ସମ୍ପାଦକ ବିଜୟ କୁମାର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

ମଦ ଦୋକାନ ଫାଟକରୁ ଅଚିହ୍ନା ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବାଲେଶ୍ୱର,୨୮/୦୮ (ନି.ପ୍ର): ବାଲେଶ୍ୱର ସହରର ଷ୍ଟେସନଛକ ସ୍ଥିତ ବିଦେଶୀ ମଦ ଦୋକାନ ଫାଟକରେ ଜନୈକ ଅଚିହ୍ନା ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୁଲିସ ଶନିବାର ସକଳେ ଉଦ୍ଧାର କରିଛି। ପିନ୍ଧା ଜାମାରେ ଫାଶୀ ଲଗାଇ ଯୁବକ ଜଣକ ଝୁଲୁଥିବା ଦେଖିବାକୁ ମିଳିଥିଲା। ଝୁଲନ୍ତା ମୃତଦେହ ଦେଖି ସ୍ଥାନୀୟ ଲୋକେ ସକାଳେ ପୁଲିସକୁ ଖବର ଦେଇଥିଲେ। ସଦର ଅତିରିକ୍ତ ତହସିଲଦାର ଅତନୁ ପ୍ରଧାନଙ୍କ ଉପସ୍ଥିତିରେ ସହଦେବଖୁଣ୍ଟା ଥାନା ପୁଲିସ ଘଟଣାସ୍ଥଳରେ ମୃତଶରୀରକୁ ଉଦ୍ଧାର କରିଥିଲା। ତେବେ ଯୁବକର ମୁହଁ ଓ ମୁଣ୍ଡରେ ଏକାଧିକ କ୍ଷତସ୍ଥାନ ଥିବା ଦେଖିବାକୁ ମିଳିଛି। ଯୁବକର ପରିଚୟ ମିଳି ନଥିବା ବେଳେ ପୁଲିସ ଏହି ଘଟଣାକୁ ନେଇ ପଚରାଉଚୁରା ଆରମ୍ଭ କରିଛି। ତେବେ ଯୁବକ ଜଣକ ଗତକାଲି ବିଳମ୍ବିତ ରାତିରେ ନିଜ ପିନ୍ଧା ସାର୍ଟରେ ଫାଶୀଦେଇ ଆତ୍ମହତ୍ୟା କରିଥିବା ସ୍ଥାନୀୟ ଅଞ୍ଚଳ ସିସିଟିଭି ଫୁଟେଜରୁ ପୁଲିସ ଜାଣିବାକୁ ପାଇଛି। ଅନ୍ୟପକ୍ଷରେ ଯୁବକ ଜଣକ କେଉଁ ଅଞ୍ଚଳର, ନିଜେ ଫାଶୀ ଦେଇ ଆତ୍ମହତ୍ୟା କରିଛି କିମ୍ବା ତାଙ୍କୁ କେହି ହତ୍ୟାକରି ଏହି ମଦ ଦୋକାନ ଫାଟକରେ ଝୁଲାଇ ଦେଇଛି, ତାହାକୁ ନେଇ ଏବେ ଆଲୋଚନା ଜୋର ଧରିଛି। ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିବା ବେଳେ ମୃତ ଯୁବକର ପରିଚୟ ମିଳିବା ପରେ ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ମିଳିବ ବୋଲି ମାଜିଷ୍ଟ୍ରେଟ ଦାୟିତରେ ଥିବା ଅତିରିକ୍ତ ତହସିଲଦାର ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି।

ଚନ୍ଦାର ଗ୍ରାମରୁ ୨୦୦ ଲିଟର ଦେଶୀମଦ ଜବତ

ଭୁବନ,୨୮/୦୮(ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତଚନ୍ଦାରଗ୍ରାମରେ ଅବକାରୀ ବିଭାଗ ତରଫରୁ ଚଢାଉ କରାଯାଇ ୨୦୦ ଲିଟର ଦେଶୀ ମଦ ଜବତ କରାଯାଇଥିବାବେଳେ ବିପୁଳ ପରିମାଣର ମହୁଲ, ମଦ ସରଂଜାମ ନଷ୍ଟ କରାଯାଇଥିବା ଜଣାପଡିଛି । ଅବକାରୀକମିଶନର ଙ୍କ ନିର୍ଦ୍ଦେଶରେଭୁବନ ଅତିରିକ୍ତ ତହସିଲଦାର ମନୋଜ କୁମାର ମାଝୀଙ୍କ ତତ୍ତ୍ୱାବଧାନରେ ଢେଙ୍କାନାଳ ଅବକାରୀ ବିଭାଗକର୍ମଚାରୀ ଓ ଭୁବନ ପୋଲିସ ମିଳିତ ଭାବେ ଚନ୍ଦାର ଗ୍ରାମରେ ଚଢାଉକରିଥିଲେ । ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଥିବା ଜଣାପଡିଛି ।

ଇ-କର୍ମସ ବିରୁଦ୍ଧରେ ପାରାଦୀପ କେଷ୍ଟାଲ ଡିଷ୍ଟ୍ରିବ୍ୟୁଟର ସଂଘର ଧାରଣା

ପାରାଦୀପ,୨୮/୦୮ (ନି.ପ୍ର): ସମଗ୍ର ଦେଶ ରେ ଦିନ କୁ ଦିନ ଇ କର୍ମସ ବ୍ୟବସାର ବୃଦ୍ଧି ପାଇବାରେ ଲାଗିଛି । ଘରେ ବସି ଅନ୍‌ଲାଇନ୍ ମାଧ୍ୟମ ରେ ଲୋକମାନେ ଜିନିଷ ପାଇଯାଉଛନ୍ତି । ଏହି ଇ କର୍ମସ୍ ବୃଦ୍ଧି ପାଇବା ପରେ ସମଗ୍ର ଦେଶ ରେ ୪ଲକ୍ଷ ଡିଷ୍ଟ୍ରିବ୍ୟୁଟର ପରିବାର ନିଜ ର ଜୀବନ ଜୀବିକା ହରେଇବାକୁ ବସିଲେଣି । ରିଲାଏନ୍ସ ଜିଓ ମାର୍ଟ, ଆମାଜନ୍, ଫ୍ଲିପକାର୍ଟ ଭଳି ସଂସ୍ଥା ମାନେ ଇ କମର୍ସ ଜରିଆ ରେ କୋଟି କୋଟି ଟଙ୍କା ର ବ୍ୟବସାୟ କରୁଛନ୍ତି । ସରକାରଙ୍କୁ କ୍ଷତି ଦେଖାଇ କୋଟି କୋଟି ଟଙ୍କା ର ଟିକସ ହଡପ କରୁଥିବା ଅଭିଯୋଗ କରିଛନ୍ତି ପାରାଦୀପ କୋଷ୍ଟାଲ ଡିଷ୍ଟ୍ରିବ୍ୟୁଟର ସଂଘ ର ସଂପାଦକ ପ୍ରଦୀପ କୁମାର ସ୍ୱାଇଁ । ଏହି ଇକମର୍ସ ବ୍ୟବସାୟ ଦ୍ୱାରା ଦେଶ ର ଲକ୍ଷ ଲକ୍ଷ ବିତରକ ଭାଇ ମାନେ ସିଧାସଳଖ ପ୍ରଭାବିତ ହେଉଛନ୍ତି । ଦେଶ ରେ ଥିବା ଏହି ବିତରକ ଭାଇମାନେ ଜୀବନ ର ପୁଂଜି ଏହି କମ୍ପାନୀ ର କାର୍ଯ୍ୟ ରେ ବିନିଯୋଗ କରିଛନ୍ତି, ଆର୍ଥିକ ସଂସ୍ଥାମାନେ ମଧ୍ୟ ଏହି ପ୍ରକ୍ରିୟା ରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରନ୍ତି ଯାହା ମଧ୍ୟ ବିପଦ ରେ ପଡିବ । ଉତ୍ପାଦନକାରୀ କମ୍ପାନୀମାନଙ୍କୁ ଏହି ଅବସ୍ଥା ରେ ଆଣିବା ରେ ବିତରକ ଭାଇମାନେ ଅକ୍ଳାନ୍ତ ପରିଶ୍ରମ ସହ ସହଯୋଗ କରିଛନ୍ତି । କମ୍ପାନୀ ଆଜି ବଡ ହୋଇଛି ଏପରି ସ୍ଥିତିରେ ଯଦି କମ୍ପାନୀମାନେ ବଡ ବଡ ଚୁକ୍ତି କରନ୍ତି ତେବେ ଏହା ଦେଶ ର ତଥା ରାଜ୍ୟ ର ବିତରକମାନଙ୍କ ପ୍ରତି ବିଶ୍ୱାସଘାତକ ହେବ ବୋଲି ସଭାପତି ତୁଷାରକାନ୍ତ ପରିଡା କହିଛନ୍ତି । ହିନ୍ଦୁସ୍ଥାନ ୟୁନିଲିଭର କମ୍ପାନୀ ଏବେ ରିଲାଏନ୍ସ ଜିଓ ମାର୍ଟ ସହିତ ଚୁକ୍ତିନାମା କରିବା ପରେ ସମଗ୍ର ଦେଶ ର ବିତରକ ଓ ବିତରକ ସଂଘ ଆପତ୍ତି ଉଠାଇଛି । କମ୍ପାନୀ ସହିତ ଦୀର୍ଘ ଦିନ ଧରି ବ୍ୟବସାୟ କରୁଥିବା ବିତରକମାନଙ୍କ ଜୀବନ ଜୀବିକା ରକ୍ଷା କରିବା ପାଇଁ ଆଗାମୀ ଦିନ ରେ ଆନ୍ଦୋଳନ ଜୋରଦାର୍ ହେବ ବୋଲି କହିଛନ୍ତି କାର୍ଯ୍ୟକାରୀ ସଭାପତି ପ୍ରକାଶ ମହାନ୍ତି । ଶନିବାର ଦିନ ପାରାଦୀପ ବଡପଡିଆ ମାର୍କେଟ୍ ସମ୍ମୁଖ ରେ ପାରାଦୀପ କୋଷ୍ଟାଲ ଡିଷ୍ଟ୍ରିବ୍ୟୁଟର ସଂଘ ର ସଦସ୍ୟମାନେ ଏକତ୍ରିତ ହୋଇ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ । ସଂଘ ର କୋଷାଧ୍ୟକ୍ଷ ସୁବାସ ଚନ୍ଦ୍ର ସାମାନ୍ତରାୟ, ବିଶ୍ୱଜିତ ଦାସ, ସନ୍ତୋଷ ବେହେରା, ବିଚିତ୍ରାନନ୍ଦ ମହାନ୍ତି ଓ ଅନ୍ୟ ସଦସ୍ୟମାନେ ଏହି ଧାରଣା ରେ ସାମିଲ ହୋଇଥିଲେ ।

ଗୋଚର ଜମିରେ ୨୨ କୁଡିଆ ! ମିଳୁନି ଆବାସ ଯୋଜନା : ବିଧାୟକଙ୍କ ଦୃଷ୍ଟି ଆକର୍ଷଣ

ଜଳେଶ୍ୱର ୨୮/୮(ନିପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଏବେବି ବହୁ ବ୍ୟକ୍ତି ଅଛନ୍ତି ଯେଉଁମାନେ ଯୋଗ୍ୟ ବିବେଚିତ ହେଉଥିଲେ ମଧ୍ୟ ବିଭିନ୍ନ କାରଣରୁ ଆବାସ ଯୋଜନାରୁ ବଂଚିତ ହେଉଛନ୍ତି । ଏପରି ଏକ ଗୋଷ୍ଠି ମାକିଡିଆ ପଂଚାୟତର ଗୋପାଳ ପ୍ରସାଦ ଗାଁରେ ଦେଖିବାକୁ ମିଳିଛି । ଏହି ଗାଁର ୨୨ଟି ପରିବାର ଏକ ସାହି କରି ଦୀର୍ଘ ୭୦/୮୦ବର୍ଷ ଧରି ବଂଶ ପରମ୍ପରାଗତଭାବେ ରହି ଆସୁଛନ୍ତି । ସମସ୍ତେ ଖଟିଖିଆ ମଜୁରିଆ ହୋଇଥିବାରୁ କାହାଘର ଉପରେ ପଲିଥିନ ପଡିଛି ତ ଆଉ କାହାର ନଡାଛପର । ପ୍ରତ୍ୟେକଙ୍କ ଘରେ ବର୍ଷାପାଣି ପଡୁଥିବା ବେଳେ କାହାଘରୁ ଦିନରେ ଖରା ଓ ରାତିରେ ତରା ଦେଖାଯାଏ । ଏମାନେ ଦୀର୍ଘବର୍ଷ ଧରି ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କାଘର ଇତ୍ୟାଦିଲାଗି ଆବେଦନ କରି ଥକିଲେଣି, କିନ୍ତୁ ଏମାନଙ୍କୁ ମିଳିପାରୁନି ଆବସ ଯୋଜନାରେ ଘର ଖଣ୍ଡିଏ । ଘଟଣାରୁ ପ୍ରକାଶ, ଅତୀତରେ ବାପ ଗୋଶବାପ ଅମଳରୁ ଘର କରି ରହୁଥିଲେ ମଧ୍ୟ ସେ ସ୍ଥାନଗୁଡିକ ଗୋଚର । ସରକାରୀଙ୍କ ନିତୀ ନିୟମ ଅନୁଯାୟି ଆବାଦଯୋଗ୍ୟ ଅନାବାଦୀ ହେଲେ ତାହା ବଣ୍ଟନ କରାଯାଇ ପାରିବ । ଗତ ଗୁରୁବାର ସେହି ଗାଁରେ ୱାର୍ଡ ସଦସ୍ୟା ଚମ୍ପାବତୀ କଟୁଆଳଙ୍କ ନେତୃତ୍ୱରେ ଗଂଗାଧର କଟୁଆଳ, ଜୟନାରାୟଣ ବର୍ଷାଳ, ରବିନ୍ଦ୍ର ବର୍ଷାଳ, ମାଳତୀ ବର୍ଷାଳ, ସଂଧ୍ୟା ବର୍ଷାଳ, ସୁଶିଲ କଟୁଆଳ ପ୍ରମୁଖ ଯାଇ ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ରଙ୍କୁ ସବିଶେଷ କହିଥିଲେ । ସରକାରଙ୍କ ନିତୀନିୟମ ଜଣାଇବା ସହ ଅନାବଦୀ ସ୍ଥାନ ସଂପର୍କରେ ବିଧାୟକ ପଚାରି ବୁଝିଥିଲେ । ଏପରି ଭୁମୀହୀନ ବ୍ୟକ୍ତିଙ୍କୁ ସରକାରୀ ସ୍ଥାନ ଯୋଗାଇବା ସହିତ ଆବାସ ଯୋଜନାରେ ଗୃହ ମିଳିବା ସଂପର୍କରେ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ । ପ୍ରତ୍ୟେକଙ୍କ ରେସନକାର୍ଡ ଥିଲେ ମଧ୍ୟ ଜୟନାରାୟଣ ବାର୍ଦ୍ଧକ୍ୟଭତ୍ତା ପାଇବାରୁ ବଂଚିତ ହୋଇଛନ୍ତି । ରାଇବଣିଆ ଅଂଚଳ ଆଦିବାସୀ ଅଧ୍ୟୁସିତ ହୋଇଥିବାରୁ ସେ ଅଂଚଳର ଲୋକଙ୍କ ସଂପର୍କରେ ସାର୍ଭେ କରାଯାଇ ଗୃହୀନ ଓ ଭୂମୀହିନ ଲୋକଙ୍କୁ ସୁବିଧା ସୁଯୋଗ ଯୋଗାଇବାକୁ ଦାବି ହେଉଛି ।

୫ ହଜାର ଟଙ୍କା ଲାଂଚ ନେଇ ଧରାପଡିଲେ କନିଷ୍ଠ କିରାଣୀ

ସମ୍ବଲପୁର,୨୮/୦୮ (ନି.ପ୍ର): ଲାଂଚ ନେଇ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ଚିପିଲିମା ମେଷ ପ୍ରଜନନ କେନ୍ଦ୍ରର କନିଷ୍ଠ କିରାଣୀ ନରସିଂହ ଗଡ଼ତିଆ । ଅଭିଯୋଗକାରୀଙ୍କ ମାତାଙ୍କ ବକେୟା ଅର୍ଥ ପ୍ରଦାନ ପାଇଁ ଆବଶ୍ୟକ କାଗଜପତ୍ର ଓ ଫାଇଲ୍ କାର୍ଯ୍ୟ ସକାଶେ ସେ ୫ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ସମ୍ବଲପୁର ଭିଜିଲାନ୍ସ ହାତରେ ଧରାପଡିଛନ୍ତି । ଭିଜିଲାନ୍ସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରୀ ରହିଛି । ଫାଇଲ୍ କାମ ଲାଗି କନିଷ୍ଠ କିରାଣୀ ଗଡ଼ତିଆ ଲାଂଚ ମାଗୁଥିବା ନେଇ ଅଶୋକ କୁମ୍ଭାର ନାମକ ଜଣେ ବ୍ୟକ୍ତି ଶୁକ୍ରବାର ସମ୍ବଲପୁର ଭିଜିଲାନ୍ସ ବିଭାଗ ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଅଭିଯୋଗ କରିଥିଲେ ।

ଶ୍ରେଷ୍ଠ କରଦାତା ଭାବେ ଶିଳ୍ପପତି କିଶୋର ମହାପାତ୍ର ସମ୍ବର୍ଦ୍ଧିତ

ଭଦ୍ରକ,୨୮/୦୮ (ନି.ପ୍ର): ଦେଶର ୭୫ତମ ସ୍ୱାଧୀନତା ଦିବସ ପୂର୍ତ୍ତି ଅବସରରେ କେନ୍ଦ୍ର ସରକାର ସାରା ଭାରତ ବର୍ଷରେ ଅଜାଦି କି ଜାନ ଉତ୍ସବ ପାଳନ ନାମରେ ଏକ କାର୍ଯ୍ୟକ୍ରମ କରି ଜିଲ୍ଲା ସ୍ତରରେ ଶ